## ମରାମତି ପାଇଁ ୧୨ରେ ବିଦ୍ୟୁତ୍ କାଟ ହେବ

ସମ୍ବଲପୁର, (ବ୍ୟୁରୋ): ସମ୍ବଲପୁର ଜିଲା ଲଇଡା ଫିଡର ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ମରାମତି ସହ ଖଣ୍ଡୋକଟାର ୧୩୨/୩୩ କେଭି ସଂଯୋଗୀକରଣ କାମ ହେବ। ତେଣୁ ନଭେମ୍ବର ୧୨ ତାରିଖ ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ କରାଯିବ ବୋଲି ଟାଟା ପାୱାର ହେଡ୍ କର୍ପୋରେଟ କମ୍ୟୁନିକେଶନ ମନୋଜ ପଟ୍ଟନାୟକ ସୂଚନା ଦେଇଛନ୍ତି। ମରାମତି ଯୋଗୁ ଲଇଡା, ରେଙ୍ଗାଲୋଇ, କଟାପାଲି, ଘୁଟାପାଲି, ମରାହାପତରା, କୁଣ୍ଡମାଳ,ଭାଗିପାଲି, ମହଦା, କେନାଡିପା, ବିଞ୍ଜିପାଲି, ଜୁନାଡିହ, ମାନିକ ମୁଣ୍ଡା, ଖୁଣ୍ଡାପଡ଼ା, ଫାସିମାଲ ଅଞ୍ଚଳ ପ୍ରଭାବିତ ହେବ। ତେଣୁ ଜନସାଧାରଣ ସହଯୋଗ କରିବାକୁ ସେ ଜଣାଇଛନ୍ତି।

### ଆଜି କ'ଣ କେଉଁଠି

**ସମ୍ବଲପୁର**

- ଗଣେଶ ମନ୍ଦିର ପ୍ରତିଷ୍ଠା ଉତ୍ସବ, ନକ୍ସାପାଲି କୋଶଳ ଏଏନ୍ଏମ୍ ଓ ଜିଏନ୍ଏମ୍ ପରିସର, ପୂର୍ବାହ୍ନ ୧୦ଟା
- ଜୁନିୟର ଫୁଟ୍‌ବଲ ଟୁର୍ନାମେଣ୍ଟ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ଅପରାହ୍ନ ୨ଟା

### ସଂକ୍ଷେପରେ

## ଆର୍‌ଏସ୍‌ପି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ରାଉରକେଲା ଅଫିସ,୧୦।୧୧: ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ସେକ୍ଟର-୩ ବଲାଙ୍ଗୀର ବସ୍ତି ବାସିନ୍ଦାଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ସ୍ତ୍ରୀରୋଗ ବିଶେଷଜ୍ଞ ଡା. ସତ୍ୟଜିତ ମିଶ୍ର ଓ ଭେଷଜ ବିଶେଷଜ୍ଞ ଡା. ଆଦିତ୍ୟ ବିଶୋଇ ଯୋଗଦେଇଥିଲେ। ଶିବିରରେ ୧୫୩ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଆସିଷ୍ଟାଣ୍ଟ ପାଥୋଲୋଜିଷ୍ଟ ମନୀଷ ଅଭି ରକ୍ତ ପରୀକ୍ଷା କରିଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ବିଭିନ୍ନ ରୋଗୀଙ୍କୁ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଇସ୍ପାତ ସହର ତଥା ଆଖପାଖ ବସ୍ତି ଅଞ୍ଚଳରେ ଡେଙ୍ଗୁ ଓ ମ୍ୟାଲେରିଆ ବିସ୍ତାରକୁ ରୋକିବା ପାଇଁ ଆର୍‌ଏସ୍‌ପି ପକ୍ଷରୁ ଏହି ଶିବିର ପରିଚାଳିତ ହୋଇଥିଲା। ଆର୍‌ଏସ୍‌ପିର ସିଏସ୍‌ଆର୍ ବିଭାଗ ଇସ୍ପାତ ଜେନେରାଲ ହସ୍ପିଟାଲ ସହଯୋଗରେ ଶିବିର ଆୟୋଜନ ହୋଇଥିଲା।

## ବେଦବ୍ୟାସକୁ ତୀର୍ଥକ୍ଷେତ୍ରରେ ପରିଣତ କରିବା ଦାବି

ରାଉରକେଲା ଅଫିସ,୧୦।୧୧: ବେଦବ୍ୟାସ ଗୁରୁକୁଳ ଆଶ୍ରମରେ ଭାରତୀୟ ସଂସ୍କୃତି ସୁରକ୍ଷା ସମିତି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମର ଅବସରପ୍ରାପ୍ତ ଅଧ୍ୟକ୍ଷ ପୀତାମ୍ବର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବେଦବ୍ୟାସକୁ ପ୍ରସିଦ୍ଧ ତୀର୍ଥକ୍ଷେତ୍ରରେ ପରିଣତ କରିବାକୁ ଦାବି ହୋଇଥିଲା। ଅନ୍ୟାନ୍ୟ ଦାବି ମଧ୍ୟରେ ୧୨୧ ଫୁଟର ବ୍ୟାସଦେବଙ୍କ ପ୍ରତିମୂର୍ତ୍ତି ନିର୍ମାଣ, ୧୦ ହଜାର ଦର୍ଶକଙ୍କ ପାଇଁ ଏକ ମଞ୍ଚ, ଶହେ ଶଯ୍ୟା ବିଶିଷ୍ଟ ସରକାରୀ ଡାକ୍ତରଖାନା ଅନ୍ୟତମ। ସମିତି ପକ୍ଷରୁ ପୀତାମ୍ବର ରାଉତ, ବଦ୍ରିନାଥ ପାଢ଼ୀ, ଉମାକାନ୍ତ ପଣ୍ଡା, ନାରାୟଣ ପାଢ଼ୀ, ଶଶଧର ପଣ୍ଡା, ବାଳକୃଷ୍ଣ ପାଣିଗ୍ରାହୀ, ପ୍ରିୟ ରଞ୍ଜନ ପଣ୍ଡା ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବୈଠକକୁ ବାଳକୃଷ୍ଣ ପାଣିଗ୍ରାହୀ ପରିଚାଳନା କରିଥିଲେ।

## ନିଆଁରେ ପୋଡ଼ି ଯୁବତୀ ଗୁରୁତର

ଦେବଗଡ଼,୧୦।୧୧(ଡି.ଏନ.ଏ.) ଦେବଗଡ଼ ପୌରାଞ୍ଚଳ ଅନ୍ତର୍ଗତ ନିଳବେର୍ଣ୍ଣି ସାହିରେ ବୁଧବାର ପ୍ରତ୍ୟୁଷରେ ନିଆଁ ପୋଡି ହୋଇ ଜଣେ ଯୁବତୀ ଗୁରୁତର ହୋଇପଡିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ରାଉରକେଲା ବିରକେରା ଅଞ୍ଚଳର ବୁଢିଆ ଲୁଗୁନଙ୍କ ଝିଅ ଲକ୍ଷ୍ମୀ ଦେବଗଡ଼ ପୌରାଞ୍ଚଳ ଆନ୍ତର୍ଗତ ନିଳବେର୍ଣ୍ଣି ସାହିରେ ନିଜ ଭିଣୋଇ ବୁକୁନା ମୁଣ୍ଡାଙ୍କ ଘରକୁ ବୁଲିବାକୁ ଆସିଥିଲେ। ବୁଧବାର ସେ ନିଜ ଘର ବିରକେରାକୁ ଫେରିବାକୁ ଥିବା ବେଳେ ପ୍ରତ୍ୟୁଷରୁ ଉଠି ଚୁଲିରେ ନିଆଁ ଜାଳୁଥିବା ବେଳେ ଅସାବଧାନତା ବଶତଃ ନିଆଁ ତାଙ୍କ ପିନ୍ଧା ଲୁଗାର ପଛ ପଟେ ଲାଗି ଶରୀରକୁ ବ୍ୟାପି ଯାଇଥିଲା। ଏହା ଦେଖି ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

## ଅବକାରୀ ଚଢ଼ାଉ: ମହୁଲି ମଦ, ପୋଚ ଜବତ

ଦେବଗଡ଼,୧୦।୧୧(ଡି.ଏନ.ଏ.) ଦେବଗଡ ଅବକାରୀ ବିଭାଗ ପକ୍ଷରୁ ବାରକୋଟ ବ୍ଲକ ଅନ୍ତର୍ଗତ ବିଜୟନଗର ଓ ବିଦେଇବଡକୁଦର ଗ୍ରାମରେ ଚଢ଼ାଉ କରାଯାଇ ୧୬ ଲିଟର ରନ୍ଧା ମହୁଲି ମଦ ଓ ୩୦ କିଲୋ ପୋଚ ଜବତ କରାଯାଇଛି। ଉକ୍ତ ୨ଟି ଅଞ୍ଚଳରେ ଚୋରା ମଦ କାରବାର ହେଉଥିବା କୌଣସି ସୂତ୍ରରୁ ଖବର ପାଇ ସେଠାରେ ଚଢ଼ାଉ ପାଇଁ ଭାରପ୍ରାପ୍ତ ଅବକାରୀ ଅଧିକ୍ଷକ ବନମାଳୀ ସେଠୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅବକାରୀ ଇନ୍ସପେକ୍ଟର ମଧୁସୂଦନ ସାହୁ, ସବଇନ୍ସପେକ୍ଟର ଚନ୍ଦ୍ରଶେଖର ପଡିଆରୀ, ସିଦ୍ଧେଶ୍ୱର ନାୟକ, ଏଏସ୍‌ଆଇ ପଦ୍ମାଳୟା ମୁଣ୍ଡା, ଲୋକନାଥ ବେହେରା, ପ୍ରହ୍ଲାଦ ବିଶ୍ୱାଳ, ବାଦଲ ବ୍ରହ୍ମା ଓ ପ୍ରଶାନ୍ତ କୁମାର ଦେହୁରୀ ପ୍ରମୁଖ ସଦଳବଳେ ବିଜୟନଗର ଗ୍ରାମର ମୁନି ବେହେରା ଘରେ ଚଢ଼ାଉ କରି ୮ ଲିଟର ଦେଶୀ ମହୁଲି ମଦ ଓ ୩୦ କିଲୋ ପୋଚ ଜବତ କରିଥିଲେ। ସେହିପରି ବିଦେଇବଡକୁଦର ଗ୍ରାମର ଗମ୍ଭେଇ କିସାନ ଘରେ ଚଢ଼ାଉ କରି ୮ କିଲୋ ଦେଶି ରନ୍ଧା ମହୁଲି ମଦ ଜବତ କରାଯାଇଛି। ଏ ନେଇ ୨ଟି ପୃଥକ ଅବକାରୀ ମାମଲା ରୁଜୁ ହୋଇଛି।

# ଛଟ୍‌ପୂଜା: ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ

- ନୌବିହାର କରି ଖୁସି ମନାଇଲେ
- ରିଂରୋଡ୍‌ରେ ରଙ୍ଗିନ ଆତସବାଜି

**ସମ୍ବଲପୁର,୧୦।୧୧(ବ୍ୟୁରୋ):**


ମହାନଦୀର ସରୋବର ଘାଟରେ ମହିଳାମାନେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟଦେଇ ପୂଜା କରୁଛନ୍ତି ।

ସମ୍ବଲପୁର ସହରରେ ବସବାସ କରୁଥିବା ବିହାରୀ ସମ୍ପ୍ରଦାୟ ପକ୍ଷରୁ ବୁଧବାର ଛଟ୍‌ପୂଜା ପାଳନ କରାଯାଇଛି। ଏହି ସମ୍ପ୍ରଦାୟ ପାଇଁ ଏହା ଏକ ନିଆରା ପରମ୍ପରା। ଏଥିଲାଗି ସହର ଉତ୍ସବମୁଖର ହୋଇପଡିଥିଲା। ପୂଜା ପାଇଁ ମହାନଦୀର ଅଯୋଧ୍ୟା ସରୋବର, ନନ୍ଦପଡ଼ା, ବାଲିବନ୍ଧା, ଝାଡୁଆପଡ଼ା, ଗୋବିନ୍ଦତୋଲା, ଦଲେଇପଡ଼ା, ସମଲେଶ୍ୱରୀ ଘାଟ, ବରେଇପାଲି ନାଳ, ବିଭିନ୍ନ ବନ୍ଧ ଓ ମନ୍ଦଳିଆ ମୁହାଣରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତମାନେ ପରମ୍ପରା ଅନୁସାରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟଦେଇ ପୂଜାର୍ଚ୍ଚନା କରିଥିଲେ। ପୁରୁଷମାନେ ଭୋଗଥାଳିରେ ଆଖୁ, ଫଳ, ନୂତନ ବସ୍ତ୍ର ପ୍ରଭୃତି ଘୋଡ଼ାଇ ମୁଣ୍ଡରେ ବୋହି ମହାନଦୀ, ପୋଖରୀ ଓ ନାଳକୁ ଯାଇଥିଲେ। ମହିଳାମାନେ ସ୍ନାନ କରି ସୂର୍ଯ୍ୟଙ୍କୁ ଜଳ ଦାନ କରିଥିଲେ। ଏହାପରେ ନୂଆବସ୍ତ୍ର ପରିଧାନ କରି ଛଟ୍‌ପୂଜା କରିଥିଲେ। ଅନ୍ୟପକ୍ଷେ ମାନସିକ ବ୍ରତଧାରୀ ରାସ୍ତାରେ ପ୍ରଣିପାତ କରି ଛଟ୍‌ପୂଜା ଘାଟକୁ ଯାଇଥିବା ଦେଖାଯାଇଥିଲା। ଏହି ନିଆରା ଦୃଶ୍ୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ବ୍ୟାଣ୍ଡ, ଦୁଲ୍‌ଦୁଲି ବାଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ଉତ୍ସବସ୍ଥଳ ମୁଖରିତ ହୋଇଥିଲା। ରିଂରୋଡ୍‌ରେ ରଙ୍ଗିନ ଆତସବାଜି ଦେଖିବାକୁ ଦର୍ଶକଙ୍କ ଭିଡ଼ ଲାଗିଥିଲା। ଏତଦ୍‌ବ୍ୟତୀତ ମହାନଦୀ ଅଯୋଧ୍ୟା ସରୋବରରେ ନୌବିହାର ଦୃଶ୍ୟ ବେଶ ଆକର୍ଷଣୀୟ ହୋଇଥିଲା। ଜିଲାର ବିଭିନ୍ନ ସ୍ଥାନରେ ରହୁଥିବା ବିହାରୀ ସମ୍ପ୍ରଦାୟ ପକ୍ଷରୁ ଛଟ୍‌ପୂଜା ପାଳନ କରାଯାଇଥିଲା।

# ସଞ୍ଚୟ ପକ୍ଷ ୨୦୨୧ ପାଳନ

### ବକ୍ତୃତା ପ୍ରତିଯୋଗିତାରେ ଭାଗନେଲେ ଛାତ୍ରୀଛାତ୍ର


କାର୍ଯ୍ୟକ୍ରମରେ ପ୍ରତିଯୋଗୀ ଓ ବିଚାରକମାନେ।

**ସମ୍ବଲପୁର,୧୦।୧୧(ବ୍ୟୁରୋ):**

ଜିଲା ସ୍ୱଳ୍ପ ସଞ୍ଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତ ସଙ୍ଗଠନ ପକ୍ଷରୁ ବୁଧବାର ସଞ୍ଚୟ ପକ୍ଷ ୨୦୨୧ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ୱଳ୍ପ ସଞ୍ଚୟ ମିତବ୍ୟୟିତାର କେବଳ ପରିଚୟ ନୁହେଁ ଏହା ଆର୍ଥିକ ଶୃଙ୍ଖଳାର ଜୀବନଚର୍ଯ୍ୟା ବିଷୟ ଉପରେ ପ୍ରତିଯୋଗିତା ହୋଇଥିଲା। କନିଷ୍ଠ ବର୍ଗରେ ସ୍ନେହାପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ଖୁସି ପ୍ରଧାନ ପ୍ରଥମ, ବୁଢାରଜା ହାଇସ୍କୁଲର ରାହୁଲ ପ୍ରଧାନ ଦ୍ୱିତୀୟ, ଚନ୍ଦନ ସାହୁ ତୃତୀୟ ସ୍ଥାନରେ ରହିଥିଲେ। ସେହିପରି ବରିଷ୍ଠ ବିଭାଗରେ ଶାସନ ସରକାରୀ ଉଚ୍ଚ ବିଦ୍ୟାଳୟର ଅଙ୍କୁଶ ପ୍ରଧାନ, ବୁଢାରଜା ଉଚ୍ଚ ବିଦ୍ୟାଳୟର ଅମରଜିତ ପାଇକ ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାଏକ, ଚନ୍ଦ୍ର ଶେଖର ବେହେରା ସ୍କୁଲର ଲକ୍ଷ୍ମୀ ମେହେର କୃତିତ୍ୱ ହାସଲ କରି ସାର୍ଟିଫିକେଟ ସହ ଆର୍ଥିକ ରାଶି ଗ୍ରହଣ କରିଥିଲେ। ଜିଲା ସଞ୍ଚୟ ଅଧିକାରୀ ନିଳାଞ୍ଚଳ ସେଠ ଅଧ୍ୟକ୍ଷତା କରିଥିବାବେଳେ ତ୍ରିଲୋଚନ ତ୍ରିପାଠୀ, ପ୍ରିୟରଞ୍ଜନ ବାବୁ, ପ୍ରଶାନ୍ତ ମାଝି ବିଚାରକ ଭାବେ ଯୋଗଦେଇଥିଲେ।

# ମିଶନ ଆଶାଲୋକରେ ଘରବାହୁଡ଼ା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ତେବାସୀ।

**ଝାରସୁଗୁଡ଼ା ଅଫିସ ୧୦।୧୧:**

ଝାରସୁଗୁଡ଼ା ବଡମାଲସ୍ଥିତ ପିପୁଲ୍‌ସ ଫୋରମ ଦ୍ୱାରା ପରିଚାଳିତ ମିଶନ ଆଶାଲୋକଠାରେ ବୁଧବାର ଘରବାହୁଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ଦୁଇବର୍ଷ ହେବ ରହିଆସୁଥିବା ୫ଜଣ ମାନସିକ ଅସୁସ୍ଥ ରୋଗୀଙ୍କୁ ଜିଲା ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଘରକୁ ପଠାଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋପଲକ୍ଷ୍ମୀ ହୋତା, ଜିଲା ଖଣିଜ ପାଣ୍ଠି ଟେକ୍ନିକାଲ ମ୍ୟାନେଜର ସୁବ୍ରତ ସାଇଁ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରାଙ୍କ ସମେତ ପିପୁଲ୍‌ସ ଫୋରମ ୱେଷ୍ଟର୍ଣ୍ଣ ଜୋନ ମୁଖ୍ୟ ସଞ୍ଜୟ ଜେଠୀ ପ୍ରମୁଖ ଉପସ୍ଥିତ ରହି ବିଦାୟୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଝାରସୁଗୁଡା ଜିଲା ପ୍ରଶାସନ ଓ ଜିଲା ଖଣିଜ ପାଣ୍ଠି ସହଯୋଗରେ ପୁରୁଷ ମାନସିକ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଥଇଥାନ କେନ୍ଦ୍ର ମିଶନ ଆଶାଲୋକ ୨୦୧୮ ମସିହାରୁ କାର୍ଯ୍ୟ କରିଆସୁଛି। ଏହା ସହିତ ଜିଲା ଖଣିଜ ପାଣ୍ଠି ସହାୟତାରେ ମହିଳାମାନଙ୍କ ପାଇଁ ଥଇଥାନ କେନ୍ଦ୍ର, ନିଶା ନିବାରଣ କେନ୍ଦ୍ର ଓ ଏକ ବୃଦ୍ଧାଶ୍ରମ ଦୀର୍ଘ ୫ବର୍ଷ ହେବ କାର୍ଯ୍ୟ କରିଆସୁଛି।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**କୁଚିଣ୍ଡା, ୧୦।୧୧(ଡି.ଏନ.ଏ.):**

ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଉଦ୍‌ଯାପିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଉଷତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ ପଟେଲ ମୁଖ୍ୟଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌରାଙ୍ଗ କୁସୁମ, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାସିନୀ ବେହେରା, ଚନ୍ଦନିମାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କମଳ ଲୋଚନ ବେହେରା, ଶିକ୍ଷୟିତ୍ରୀ କମଳିନୀ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ଦ୍ୱାରା ପିଲାଙ୍କ ଲୁପ୍ତ ପ୍ରତିଭା ବିକଶିତ ହୋଇଥାଏ ବୋଲି କହିଥିଲେ। ଏହି ଅବସରରେ ଅନୁଷ୍ଠିତ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, ଗୀତ ଓ ଗୋଷ୍ଠୀ ନୃତ୍ୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀ ଆସନ୍ତା ୧୪ ତାରିଖରେ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଶିକ୍ଷକ ଶରତ ପଶାୟତ ସଭା ପରିଚାଳନା ପୂର୍ବକ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

## ଲୁହା ସ୍କ୍ରାପ୍ ଚୋରା - ଚାଲାଣ: ୨ ଗିରଫ

**ରାଉରକେଲା ଅଫିସ,୧୦।୧୧:**

ବିଶ୍ରା ଥାନା ଅନ୍ତର୍ଗତ ଜରେଇକେଲା ଛକରେ ଏକ ଟ୍ରକରେ ଚୋରା ଲୁହାସ୍କ୍ରାପ ଚାଲାଣ ହେଉଥିବାବେଳେ ପୋଲିସ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆଶିଷ ଅନ୍‌ସାରୀ(୨୪) ଓ ମହମ୍ମଦ ସାଜିଦ(୨୮)। ପୋଲିସ ଏ ନେଇ ଏକ ମାମଲା (ନଂ.୧୧୨/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ମଙ୍ଗଳବାର ବିଳମ୍ବିତ ରାତିରେ ରାଉରକେଲାରୁ ଟ୍ରକ୍ (ଜେଏଚ୦୧ଡିଜେଡ୍୯୪୬୪) ଯୋଗେ ଆଇରନ ସ୍କ୍ରାପ ବୋଝେଇ ହୋଇ ଝାଡ଼ଖଣ୍ଡ ଅଭିମୁଖେ ଯାଉଥିଲା। ପାଟ୍ରୋଲିଂ ସମୟରେ ଏହି ଗାଡ଼ିଟି ଜରେଇକେଲା ଛକରେ ପୋଲିସ ହାବୁଡରେ ପଡିଥିଲା। ପୋଲିସ ଯାଞ୍ଚ କରିବାରୁ ଏହା ବେଆଇନ ବୋଲି ଜଣାପଡ଼ିଥିଲା। ଫଳରେ ପୋଲିସ ଗାଡି ଡ୍ରାଇଭର ସହ ହେଲପରଙ୍କୁ ଗିରଫ କରି ଗାଡିରେ ଥିବା ୩ଶହ କେ.ଜି. ଆଇରନ ସ୍କ୍ରାପ ଜବତ କରିଥିଲା।

## 'ଆମ ଶିକ୍ଷାର୍ଥୀ ଆମ ଗୌରବ' କାର୍ଯ୍ୟକ୍ରମ

**ରାଉରକେଲା ଅଫିସ,୧୦।୧୧:**

ବିଦ୍ୟାର୍ଥୀଙ୍କ ମଧ୍ୟରେ ଥିବା ଦକ୍ଷତା ପରିପ୍ରକାଶ ପାଇଁ 'ଆମ ଶିକ୍ଷାର୍ଥୀ ଆମ ଗୌରବ' କାର୍ଯ୍ୟକ୍ରମ ବିଶ୍ରା ବ୍ଲକ ଶିକ୍ଷା ଅଧିକାରୀ ପ୍ରଜ୍ଞା ପାରମିତା ଜେନାଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଛି। ଏଥିରେ ବିଶ୍ରା ବ୍ଲକରେ ଥିବା ୧୯୨ ସ୍କୁଲର ବିଦ୍ୟାର୍ଥୀ ଡ୍ରଇଂ, ନୃତ୍ୟ, ଗଳ୍ପ, ଏକାଙ୍କିକା ଲିଖନ, ପଟଚିତ୍ର ଭଳି ବିଭିନ୍ନ କାରୁକାର୍ଯ୍ୟ ନିର୍ମାଣ କରି ଶିକ୍ଷାସହ ଜଡ଼ିତ ହେଉଛନ୍ତି। କୋଭିଡ୍ କଟକଣା ଯୋଗୁ ବିଦ୍ୟାର୍ଥୀ ମାନେ ବିଦ୍ୟାଳୟକୁ ଆସିପାରୁନାହାନ୍ତି। ଏପରିସ୍ଥଳେ ସେମାନଙ୍କ ଏଭଳି ଅନ୍ତର୍ନିହିତ ଦକ୍ଷତା ପରିପ୍ରକାଶ ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଭିଭାବକମାନେ ପ୍ରଶଂସା କରିଛନ୍ତି। ପ୍ରତି ମାସରେ ବିଭିନ୍ନ ଥିମ୍ ବ୍ଲକ ସ୍ତରରେ ଦିଆଯାଉଛି। ଏହି ଅନୁସାରେ ବିଦ୍ୟାର୍ଥୀଙ୍କ ମଧ୍ୟରେ ସମସ୍ତ ପ୍ରତିଯୋଗିତା କରାଯାଉଛି। ଆଗାମୀ ବର୍ଷରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେବ ବୋଲି ବିଇଓ ଜେନା କହିଛନ୍ତି।

# ୨ ହାଇୱାକୁ ୬୦ ହଜାର ଜରିମାନା

### ବେଆଇନ ମାଟି ଖନନ ଘଟଣା

**ସମ୍ବଲପୁର,୧୦।୧୧(ବ୍ୟୁରୋ):**

ସମ୍ବଲପୁର ଜିଲା ଯୁଯୁମୁରା ତହସିଲ ଝାଙ୍କରପାଲି ଗ୍ରାମ ନିକଟରେ ଜଣଙ୍କ ରୟତି ଜମି ଓ ସରକାରୀ ଜମିରୁ ବେଆଇନ ମାଟି ଚାଲାଣ ହେଉଥିଲା। ଗ୍ରାମବାସୀ ରାତିରେ ଉକ୍ତ ସ୍ଥାନରୁ ୨ଟି ହାଇୱା ଧରି ପୋଲିସ ଜିମା ଦେଇଥିଲେ। ଏହା ସହ ତହସିଲ ଅଫିସରେ ଅଭିଯୋଗ କରିଥିଲେ। ତହସିଲ ପକ୍ଷରୁ ୨ ହାଇୱାକୁ ୬୦ ହଜାର ଟଙ୍କା ଜରିମାନା କରାଯାଇଥିବା ଅତିରିକ୍ତ ତହସିଲଦାର ବୀରସେନ ପ୍ରଧାନ କହିଛନ୍ତି। ଗାଡ଼ି ମାଲିକ ପ୍ୟାରୀମୋହନ ପ୍ରଧାନଙ୍କ ନାମରେ ଏହି ଜରିମାନା କଟାଯାଇଛି। ଅନ୍ୟପଟେ ରୟତି ଜମିରୁ ଖୋଳାଯାଇଥିବା ଜମିକୁ ସମତଳ କରିବାକୁ ଗାଡ଼ି ମାଲିକ ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଯିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ସୂଚନାଯୋଗ୍ୟ ଗତ ରବିବାର ରାତିରେ ହାଇୱା ଜବତ ହେବା ପରେ ତହସିଲଦାର ଅଭିଷେକ ସାହୁ ସୋମବାର ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ରୟତି ଓ ସରକାରୀ ଜମିରେ କେତେ ପରିମାଣର ମାଟି ଉଠାଯାଇଛି ଓ କାହାର ଜମି ରହିଛି ସେ ନେଇ ମାପଚୁପ କରିବାକୁ ସ୍ଥାନୀୟ ଆର୍‌ଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ନାକଟିଦେଉଳ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ନାକଟିଦେଉଳ,୧୦।୧୧(ଡି.ଏନ.ଏ.):**

ନାକଟିଦେଉଳ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ବୁଧବାର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରତିଯୋଗିତାରେ ୫ ବିଦ୍ୟାଳୟରୁ ୪୩ ଛାତ୍ରୀଛାତ୍ର ଯୋଗଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଶିମିଳିପାଳ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଗୀତାରାଣୀ ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତ୍ରିନାଥ ଧଳ ମୁଖ୍ୟଅତିଥି, ସଡ଼ୋ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରାକାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବଳମ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବାର୍ଚ୍ଚନ ସାହୁ ଧନ୍ୟବାଦ ଦେଇଥିଲେ। ମନୋନୀତ ପ୍ରତିଯୋଗୀମାନେ ଆସନ୍ତା ୧୪ ତାରିଖରେ ଜିଲାସ୍ତରରେ ହେବାକୁ ଥିବ ସୁରଭି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

# ସିଆଇଟିୟୁର ନିର୍ବାଚନୀ ଇସ୍ତାହାର ପ୍ରକାଶିତ

**ରାଉରକେଲା ଅଫିସ,୧୦।୧୧:**

ସେକ୍ଟର-୧୬ସ୍ଥିତ ଶ୍ରମିକ ଭବନ ପରିସରରେ ସିଆଇଟିୟୁ ପକ୍ଷରୁ ବିଷ୍ଣୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଦଳୀୟ ନିର୍ବାଚନ ଇସ୍ତାହାର ପ୍ରକାଶିତ ହୋଇଛି। ଆସନ୍ତା ୧୫ ତାରିଖରେ ରାଉରକେଲା ଇସ୍ପାତ କାରଖାନା ଶ୍ରମିକ ସଙ୍ଗଠନ ନିର୍ବାଚନ ହେବାକୁ ଥିବାରୁ ଶ୍ରମିକଙ୍କ ସ୍ୱାର୍ଥ ପାଇଁ ସିଆଇଟିୟୁ କାର୍ଯ୍ୟ କରିବ ବୋଲି ଦାବି କରିଛି। ନିର୍ବାଚନୀ ଇସ୍ତାହାରରେ ଶ୍ରମିକମାନଙ୍କ ହିତ ପାଇଁ ମୁଖ୍ୟତଃ ୨୦ଟି ପ୍ରସଙ୍ଗକୁ ସିଆଇଟିୟୁ ପକ୍ଷରୁ ଉପସ୍ଥାପନା କରାଯାଇଛି। ଏହି ଇସ୍ତାହାର ବୈଠକରେ ଦଳର ବରିଷ୍ଠ ସଦସ୍ୟ ଲଳିତ ମିଶ୍ର, ପ୍ରଦ୍ୟୁତ ମୁଖାର୍ଜୀ, ସମ୍ପାଦକ ପ୍ରସାଦ ବାନାର୍ଜୀ, ପି.ସି. ପ୍ରଧାନ, ଅଶୋକ ମଲ୍ଲିକ, ବି.ବି. ସାମଲ, ବାସୁଦେବ ସାହୁ, ସଞ୍ଜୟ ନାୟକ, ଅଶୋକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ନିର୍ବାଚନୀ ଇସ୍ତାହାର ପ୍ରକାଶ ଅବସରରେ ସଙ୍ଗଠନର କର୍ମକର୍ତ୍ତା।

# ୪୭ ବସ୍ତିକୁ ୫ କୋଟି ୯୯ ଲକ୍ଷର କାର୍ଯ୍ୟାଦେଶ

### ଏସ୍‌ଏମ୍‌ସିରେ ଜାଗା ମିଶନ



ଜିଲାପାଳ ଶୁଭମ୍ ସକ୍‌ସେନା କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି ।

**ସମ୍ବଲପୁର,୧୦।୧୧(ବ୍ୟୁରୋ):**

ସମ୍ବଲପୁର ଜିଲାପାଳ ସମ୍ମିଳନୀ କକ୍ଷରେ ଜାଗା ମିଶନ ଯୋଜନାରେ ବୁଧବାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) କମିଶନର ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଶୁଭମ୍ ସକ୍‌ସେନା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏ ସମ୍ପର୍କରେ କମିଶନର ସାହୁ କହିଛନ୍ତି, ରାଜ୍ୟ ସରକାର ସହର ବସ୍ତି ଅଞ୍ଚଳ ପାଇଁ ଜାଗା ମିଶନ ଯୋଜନା କରିଛନ୍ତି। ଏହି ଯୋଜନାରେ ଏସ୍‌ଏମ୍‌ସିର ୧୫୦ ବସ୍ତିକୁ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୪୭ ବସ୍ତିକୁ ଯୋଜନାରେ ସାମିଲ କରାଯାଇଛି। ୧୧୩ ପ୍ରକଳ୍ପକୁ ୫ କୋଟି ୯୯ ଲକ୍ଷ ୬୪ ହଜାର ଟଙ୍କାର ବ୍ୟୟ ଅଟକଳ ରହିଛି। ଏଥିରେ ପ୍ରତ୍ୟେକ ବସ୍ତିରେ ପକ୍କା ରାସ୍ତା, ପକ୍କା ନାଳ, ଆଲୋକୀକରଣ, ଶିଶୁ ଖେଳ ସାମଗ୍ରୀ, ସୌନ୍ଦର୍ଯ୍ୟକରଣ, ପରିଚୟ ଗୃହ ନିର୍ମାଣ କରିବାକୁ ଯୋଜନା ରହିଛି। ଏହି କାର୍ଯ୍ୟ ବସ୍ତି ବାସିନ୍ଦା ସଂଘ ଦ୍ୱାରା ରୂପାୟନ କରାଯିବ। ସୂଚନାଯୋଗ୍ୟ ଏସ୍‌ଏମ୍‌ସି ଅଧୀନରେ ଅନେକ ବସ୍ତି ବାସିନ୍ଦାଙ୍କ ବହୁବିଧ ସମସ୍ୟା ନେଇ ଜିଲା ପ୍ରଶାସନ ପାଖରେ ଅଭିଯୋଗ ହୋଇଆସୁଛି।

## ୧୯ ଦଫା ଦାବିରେ ଡାକ କର୍ମଚାରୀଙ୍କ ଧାରଣା

**ରାଉରକେଲା ଅଫିସ,୧୦।୧୧:**

୧୯ ଦଫା ଦାବିକୁ ନେଇ କେନ୍ଦ୍ରୀୟ ଡାକ ମହାସଂଘର ଆହ୍ୱାନକ୍ରମେ ଅଖିଳ ଭାରତ ଡାକମଣ୍ଡଳ ରାଉରକେଲା ଶାଖାର ତୃତୀୟ ଶ୍ରେଣୀ, ପୋଷ୍ଟମ୍ୟାନ ଓ ଏମ୍‌ଟିଏସ୍ ସଂଘର କର୍ମକର୍ତ୍ତାମାନେ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। କେନ୍ଦ୍ର ସରକାର ଆଣିଥିବା ୟୁନିୟନ ବିରୋଧୀ ନିୟମର ପ୍ରତ୍ୟାହାର ଓ ୧୮ ମାସର ମହଙ୍ଗା ଭତ୍ତା ପ୍ରଦାନ, ଡାକ ବିଭାଗର ଘରୋଇକରଣକୁ ବନ୍ଦ କରିବା ଭଳି ବିଭିନ୍ନ ଦାବି ସଂଘ ପକ୍ଷରୁ କରାଯାଇଥିଲା। ଧାରଣାରେ ଅଖିଳ ଭାରତୀୟ ଡାକ କର୍ମଚାରୀ ସଂଘ ଗ୍ରୁପ-ସିର ସମ୍ପାଦକ ରଞ୍ଜନ କୁମାର ରାଉତ, ସୁଦାମ ସାହୁ, ସଭାପତି ଆଶୁତୋଷ ମହାପାତ୍ର, ତ୍ରିଲୋଚନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଲୁହାରଡ୍ ଚୋରି ଘଟଣାରେ ଯୁବକ ଗିରଫ

ନୂଆପଡା ଅଫିସ/ଖଡିଆଳ,(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନଂ.୭ର ସୁମିତ ବଛା (୨୮)ଙ୍କୁ ଖଡିଆଳ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସୂଚନା ଯେ, ସୁମିତ ଖଡିଆଳ ପୁରୁଣା ବସଷ୍ଟାଣ୍ଡରେ ଥିବା ଅଟୋ ଗ୍ୟାରେଜ ପାଖରୁ ବିଭିନ୍ନ ଲୁହାରଡ୍, ଗାଡିରେ ଲାଗିଥିବା ମ୍ୟୁଜିକ ସିଷ୍ଟମ ଚୋରି କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୪୨୭/୨୧) ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରହିଥିଲା।

## ସଂକ୍ଷେପରେ

### ସ୍ୱରେଜ ପାଣି ଟାଙ୍କି ଚୋରି: ଦୁଇ ଗିରଫ

**ରାଉରକେଲା ଅଫିସ,୧୦।୧୧:** ରଘୁନାଥପାଲି ଥାନା ଅନ୍ତର୍ଗତ ଜେଲରୋଡ଼ ଅଞ୍ଚଳରେ ସ୍ୱରେଜ ପାଣି ଟାଙ୍କି ଚୋରି କରିବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଦୁଇ ଯୁବକ ହେଲେ ଅମିତ ମାହାଲି(୨୪) ଓ ସରୋଜ କେରକେଟ୍ଟା(୨୭) । ପୋଲିସ କହିବା ଅନୁଯାୟୀ, ଜେଲରୋଡ଼ ଅଞ୍ଚଳରେ ଏଲଏଣ୍ଡଟି ପକ୍ଷରୁ ସ୍ୱରେଜ କାମ ଚାଲିଥିବା ବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ୭ଟି ସ୍ୱରେଜ ପାଣିଟାଙ୍କିକୁ ଅମିତ ଓ ସରୋଜ ଚୋରି କରି ନେଇଥିଲେ। ଏହାକୁ ନେଇ କମ୍ପାନୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ବୁଧବାର ଦୁଇ ଅଭିଯୁକ୍ତଙ୍କୁ ଜେଲରୋଡ଼ରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଚୋରି ହୋଇଥିବା ସ୍ୱରେଜ ପାଣିଟାଙ୍କିକୁ ପୋଲିସ ସେମାନଙ୍କ ଠାରୁ ଉଦ୍ଧାର କରିଥିଲା। ଉକ୍ତ ସାମଗ୍ରୀର ମୂଲ୍ୟ ୧ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଥାନା ଅଧିକାରୀ ବିଜୟ ବିହାରୀ ସୂଚନା ଦେଇଛନ୍ତି।

### ବାଙ୍କିବାହାଲ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ

**ବଡ଼ଗାଁ,୧୦।୧୧(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ବରଙ୍ଗାକଛାର ପଞ୍ଚାୟତର ବାଙ୍କିବାହାଲ ଗ୍ରାମରେ ବୁଧବାର ସ୍ଥାନୀୟ ଶିବାଜୀ କ୍ଲବ ପକ୍ଷରୁ ଆୟୋଜିତ ପଞ୍ଚଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ସ୍ଥାନୀୟ ସରପଞ୍ଚ ରାଜେଶ୍ୱରୀ କାଲୋ, ୱାର୍ଡସଭ୍ୟା ନିଦ୍ରାବତୀ ବାଗ୍ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଜେଡିସି ଧରୁଆଡିହି ୧-୦ ଗୋଲରେ ଲକ୍ଷ୍ମୀ ବ୍ରଦର୍ସକୁ ହରାଇ ବିଜୟ ଯାତ୍ରା ଆରମ୍ଭ କରିଛି। ରମେଶ ଚନ୍ଦ୍ର ମାଝୀ, ପ୍ରଫୁଲ୍ଲ ମାଝୀ, ପୀତାମ୍ବର ସାହୁ ଖେଳ ପରିଚାଳନା କରୁଛନ୍ତି। ଆୟୋଜକ କମିଟିର ମିଳନ, ହେରେଞ୍ଜ, ନାଏମାନ ହାସଦା, ଆମରିତ୍ ସୁରିନ, ଗଙ୍ଗାଧର ପ୍ରଧାନ, ଦେବେନ୍ଦ୍ର ପୃଷେଟ, ଲିପୁନ ପୃଷେଟ, ଯୀଶୁ ଦାସ, ସୁରେନ୍ଦ୍ର କଉଡ଼ି, ବିଶାଳ ହେମ୍ବ୍ରମ ପ୍ରମୁଖ ବିଭିନ୍ନ କାର୍ଯ୍ୟ ତୁଲାଉଛନ୍ତି।

### କଫ ସିରପ୍ ଜବତ, ୨ଗିରଫ

**ବରଗଡ଼ ଅଫିସ୍,୧୦।୧୧:** ବରଗଡ଼ ଜିଲା ସୋହେଲା ଥାନା ପୋଲିସ ଏକ କଫ ସିରପ୍ ବୋଝେଇ ମହିନ୍ଦ୍ରା ଜାଇଲୋ ଗାଡ଼ି(ନଂ-ଓଆର୧୭ଜି ୨୮୮୨)କୁ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ, ଝାରବନ୍ଧ ଥାନା ଅଡ଼ାପାଣି ଗ୍ରାମର ହେମନ୍ତ ହଂସ(୪୩) ଏବଂ ପଦ୍ମପୁର ୱାର୍ଡ଼ ନଂ-୮ ନିବାସୀ ଚିତ୍ତରଞ୍ଜନ ମେହେର(୪୩)। ସେମାନଙ୍କ ପାଖରୁ ବ୍ୟବହୃତ ଉପରୋକ୍ତ ଜାଇଲୋ ଗାଡ଼ି ସମେତ ୧୭୩୦ ବୋତଲ କଫ ସିରପ୍ ଜବତ ହୋଇଛି। ଏହା ସହିତ ୩ଟି ମୋବାଇଲ, ଗୋଟିଏ ଖଣ୍ଡା ଏବଂ ନଗଦ ୯୮୦ ଟଙ୍କା ଜବତ କରାଯାଇଥିବା ପୋଲିସ ସୂଚନା ଦେଇଛି।

### ସ୍ୱାମୀ ହତ୍ୟା ଅଭିଯୋଗରେ ସ୍ତ୍ରୀ ଗିରଫ

**ବୌଦ୍ଧ,୧୦।୧୧(ସ୍ୱ.ପ୍ର.):** ସ୍ୱାମୀଙ୍କୁ ହତ୍ୟା କରିବା ଅଭିଯୋଗରେ କୁନୁ ମୁଖିଙ୍କୁ ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଗୁଣ୍ଡୁରିସାହି ( ମୁଖିବସ୍ତି)ଠାରେ ମଙ୍ଗଳବାର ସନ୍ଧ୍ୟାରେ ପାରିବାରିକ କଳହରୁ କୁନୁ ସ୍ୱାମୀ ତରଣୀସେନ ପ୍ରଧାନଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ପୁରୁଣାକଟକ ମେଡକାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁରୁଣାକଟକ ଥାନାରେ ଏକ ମାମଲା ରୁଜୁ ହୋଇଛି। ଫେରାର କୁନୁଙ୍କୁ ଆଡେଣିଗଡରୁ ପୋଲିସ ଗିରଫ କରିଛି।

### ମାଟ୍ରିକ ପରବର୍ତ୍ତୀ ଛାତ୍ର ବୃତ୍ତି ନେଇ ସଭା

**ବାଉଁଶୁଣୀ,୧୦।୧୧(ଡି.ଏନ.ଏ.):** ବୌଦ୍ଧ ବ୍ଲକ ବାଉଁଶୁଣି ମା’ ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ ବୁଧବାର ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ସଂକ୍ରାନ୍ତରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଡିଏଏ/ଏନସିଡିଏଚଆର ଓଡ଼ିଶାର ଜିଲା ସଂଯୋଜକ ନନ୍ଦିନୀ ନାଏକ, ପୂର୍ବତନ ଛାତ୍ର ତଥା ସ୍ୱେଚ୍ଛାସେବୀ ଜୟରାମ ହରିପାଳ, ମହାବିଦ୍ୟାଳୟର ଅଧକ୍ଷ ଅନିରୁଦ୍ଧ ମହାକୁଳ, କଲେଜର ପିଏମଏସ ସଂଯୋଜକ ଡ. ପ୍ରଶାନ୍ତ ମଲ୍ଲିକ ଏବଂ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ଆଗାମୀ ଦିନରେ ଛାତ୍ରୀଛାତ୍ରମାନେ କେମିତି ଠିକ ସମୟରେ ଛାତ୍ରବୃତ୍ତି ପାଇବେ ସେ ସମ୍ପର୍କରେ ନାଏକ କହିଥିଲେ ।




ସୁନ୍ଦରଗଡ଼ ଇବ୍ ନଦୀପଠାରେ ଛଟ୍ ପୂଜା ବ୍ରତଧାରୀ ମହିଳା ପୁରୁଷ ପୂଜାର୍ଚ୍ଚନା କରୁଛନ୍ତି ।

# ସୁନ୍ଦରଗଡ଼ରେ ଛଟ୍ ପୂଜା

**ସୁନ୍ଦରଗଡ, ୧୦।୧୧(ଡି.ଏନ୍.ଏ.)**

**ଇବ୍ ନଦୀରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲେ ବ୍ରତଧାରୀ**

ସୁନ୍ଦରଗଡ ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ଛଟ୍‌ପୂଜା ଆରମ୍ଭ ହୋଇଛି । ଏଥିପାଇଁ ବିଭିନ୍ନ ନଦୀଘାଟ,ଜଳାଶୟ ଗୁଡିକ ଚଳଚଞ୍ଚଳ ହୋଇ ଉଠିଥିଲା । ପବିତ୍ର କାର୍ତ୍ତିକ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ଉତ୍ତରପ୍ରଦେଶ ଓ ବିହାରୀ ସଂପ୍ରଦାୟର ମହିଳା,ପୁରଷ ନିଷ୍ଠାପର ଭାବେ ଏହି ବ୍ରତକୁ ପାଳନ କରିଥାଆନ୍ତି। ଏଥିପାଇଁ ବୁଧବାର ସନ୍ଧ୍ୟାରେ ଇବ୍ ନଦୀପଠାରେ ଶହ ଶହ ସଂଖ୍ୟାରେ ବ୍ରତଧାରୀ ମହିଳା ପୁରୁଷ ନଦୀରେ ବୁଡ ପକାଇ ପୂଜାର୍ଚ୍ଚନା କରି ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଥିଲେ। ଗୁରୁବାର ପ୍ରତ୍ୟୁଷରୁ ପୁଣି ବ୍ରତଧାରୀ ମାନେ ପୂଜାର୍ଚ୍ଚନା କରି ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ବ୍ରତ ସମାପନ କରିଥାଆନ୍ତି। ସୁନ୍ଦରଗଡ ସମେତ ରାଉରକେଲା,ରାଜଗାଙ୍ଗପୁର ଆଦି ସ୍ଥାନରେ ମଧ ଛଟ୍ ପର୍ବ ସମାରୋହରେ ପାଳନ କରାଯାଇଛି।

## ଜିଲାସ୍ତରୀୟ ହକି ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ଚୂଡାନ୍ତ

**ସୁନ୍ଦରଗଡ,୧୦।୧୧(ଡି.ଏନ୍.ଏ.)**

**୧୨ରୁ ବ୍ଲକସ୍ତରୀୟ ,୧୯ରୁ ଜୋନସ୍ତରୀୟ ଓ ଡିସେମ୍ବର ୩ରୁ ଜିଲାସ୍ତରୀୟ ଟୁର୍ନାମେଣ୍ଟ**

ସୁନ୍ଦରଗଡ ଜିଲା ହକି ଆସୋସିଏଶନ ଆନୁକୂଲ୍ୟରେ ଆସନ୍ତା ୧୨ ତାରିଖଠାରୁ ଜିଲାସ୍ତରୀୟ ହକି ଟୁର୍ନାମେଣ୍ଟ ଆରମ୍ଭ ହେଉଛି। ଏନେଇ ବୁଧବାର ସଦର ଉପଜିଲାପାଳ ଅଭିମନ୍ୟୁ ବେହେରାଙ୍କ ଅଧକ୍ଷତାରେ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗତ ଅକ୍ଟୋବର ୨୩ ତାରିଖରେ ଜିଲାପାଳଙ୍କ ଅଧକ୍ଷତାରେ ହୋଇଥିବା ବୈଠକର ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ମହିଳା ଓ ପୁରୁଷ ବର୍ଗରେ ହକି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ବ୍ଲକସ୍ତରରୁ ବିଜୟୀ ଟିମ୍ ୧୯ତାରିଖରୁ ହେବାକୁ ଥିବା ଜୋନସ୍ତରୀୟ ମ୍ୟାଚରେ ଭାଗ ନେବେ। ଜୋନସ୍ତରୀୟ ବିଜୟୀ ଟିମ୍ ଜିଲାସ୍ତରୀୟ ଟୁର୍ନାମେଣ୍ଟରେ ଭାଗ ନେବେ। ଡିସେମ୍ବର ୩ ତାରିଖଠାରୁ ୫ ତାରିଖ ପର୍ଯ୍ୟନ୍ତ ଜିଲାସ୍ତରୀୟ ଟୁର୍ନାମେଣ୍ଟ ହେବ। ଏହି ଜିଲାସ୍ତରୀୟ ଟୁର୍ନାମେଣ୍ଟ ଚାମ୍ପିୟନ ଦଳକୁ ୨୫ହଜାର, ରନର୍ସଅପ ଦଳକୁ ୧୫ ହଜାର, ତୃତୀୟ ସ୍ଥାନ ହାସଲ କରିଥିବା ଦଳକୁ ୧୦ହଜାର ଓ ଚତୁର୍ଥ ସ୍ଥାନ ହାସଲ କରିଥିବା ଦଳକୁ ୫ହଜାର ଟଙ୍କା ଅର୍ଥରାଶି ପୁରସ୍କାର ସ୍ୱରୂପ ପ୍ରଦାନ କରାଯିବାକୁ ଜିଲା ହକି ଆସୋସିଏଶନ ପକ୍ଷରୁ ଏହି ବୈଠକରେ ନିଷ୍ପତ୍ତି ହୋଇଛି। ଜିଲା ହକି ଆସୋସିଏଶନର କାର୍ଯ୍ୟକାରୀ ଉପସଭାପତି ରାମେଶ୍ୱର ଟପ୍ପୋ, ସଂପାଦକ ସିଲଭେଷ୍ଟର ତିର୍କୀ, ଜିଲା କ୍ରୀଡା ଅଧିକାରୀ ମିଲଟନ୍ ବିଲୁଙ୍ଗ, କୋଚ୍ ତେଜକୁମାର ଖେସଙ୍କ ସମେତ ଆସୋସିଏଶନ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପିଲାଙ୍କ ମଧ୍ୟରେ ସୃଜନଶୀଳତା ବିକାଶ ଉପରେ ଗୁରୁତ୍ୱ



ସଭାରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

**ଟେନସା,୧୦।୧୧(ଡି.ଏନ.ଏ.)**

**ଶିଶୁ ପତ୍ରିକା ‘ଶୁଆଶାରୀ’ ଉନ୍ମୋଚିତ**

ସୁନ୍ଦରଗଡ଼ ଜିଲା ଟେନସାରୁ ପ୍ରକାଶ ପାଉଥିବା ତ୍ରୈମାସିକ ଶିଶୁ କିଶୋର ପତ୍ରିକା ‘ଶୁଆ ଶାରୀ’ ପାର୍ବଣ ସଂଖ୍ୟା ସୋମବାର ଉନ୍ମୋଚିତ ହୋଇଯାଇଛି। ଏହି ଉପଲକ୍ଷେ ବରସୁଆଁ ଲୌହଖଣି କ୍ଲବଠାରେ ଆୟୋଜିତ ଏକ ସଭାରେ ମୁଖ୍ୟଅତିଥି ଭାବେ ବଣାଇ ଉପଜିଲାପାଳ ପ୍ରଦୀପ କୁମାର ଡାଙ୍ଗ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଣାଇ ଏ.ସି.ଏଫ ଯଶୋବନ୍ତ କୁରାଳି, କୋଇଡା ତହସିଲଦାର ଡିଏସ ଶୁଭଦର୍ଶୀ ଯୋଶୀ, ବରସୁଆଁ ଲୌହଖଣି ସି ଜି ଏମ ପ୍ରସନ୍ନ କୁମାର ରଥ, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ଼ର ଉପସଭାପତି ପ୍ରମୋଦ କୁମାର ପାତ୍ର, ବଣାଇ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ଟେନସା ସରପଞ୍ଚ ଅନିତା ପୂର୍ତ୍ତି, ବରସୁଆଁ ଲୌହ ଖଣିର ପ୍ରଶାସନ ବିଭାଗର ଡି ଜିଏମ ଜ୍ୟୋତିପ୍ରକାଶ ମିଶ୍ର, ରବିନାରାୟଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

ଆଦିବାସୀ ଅଧ୍ୟୁଷିତ ବଣ ପାହାଡ ଘେରା ଟେନସାରୁ ଦୀର୍ଘ ୨୧ ବର୍ଷ ହେଲା ଶୁଆ ଶାରୀ ପତ୍ରିକା ପ୍ରକାଶ ପାଇ ଆସୁଛି। ଓଡିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବା ସହ ପିଲାଙ୍କ ମଧ୍ୟରେ ସୃଜନଶୀଳତାର ବିକାଶ ପାଇଁ ଏହି ପତ୍ରିକା ନିରନ୍ତର ଉଦ୍ୟମ ଜାରି ରଖିବାକୁ ଅତିଥିମାନେ କହିଥିଲେ। ଏହି ଅବସରରେ ଯୁଗ ସହ ତାଳ ଦେଇ ପିଲାମାନେ କିଭଳି ୟୁଟ୍ୟୁବ ଚ୍ୟାନେଲ ଜରିଆରେ ସୁବିଧାରେ ଦେଖିପାରିବେ ସେଥିପାଇଁ ଶୁଆଶାରୀ ଚ୍ୟାନେଲ ଉଦ୍‌ଘାଟନ କରାଯାଇଛି। ବଣାଇ ଉପଜିଲାପାଳ ଡାଙ୍ଗ ଏହାକୁ ଉଦ୍‌ଘାଟନ କରିଥିଲେ। ଡା. ଏ. ପି. ପଣ୍ଡା ଅତିଥି ପରିଚୟ ପ୍ରଦାନ କରି ମଞ୍ଚ ପରିଚାଳନା କରିଥିଲେ। ଶୁଆଶାରୀ ପତ୍ରିକା ଓ ଚ୍ୟାନେଲର ସମ୍ପାଦକ ସମୀର କୁମାର ପାଢୀ ସ୍ୱାଗତ ଭାଷଣ ଦେବା ସହ ବିବରଣୀ ପାଠ କରିଥିଲେ। ଟେନସା କଳା ପରିଷଦର ଗୁରୁ ଧରଣୀଧର ନାଥ ଶର୍ମା ବେଦ ପାଠ କରିଥିବା ବେଳେ ସୁନୀଲ ପଣ୍ଡା, ଅନିଲ ପାତ୍ର ଭଜନ ପରିବେଷଣ କରିଥିଲେ। ଅର୍ଚ୍ଚନା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ନୃତ୍ୟ ପରିବେଷଣ କରାଯାଇଥିଲା । ଚ୍ୟାନେଲ ଉଦ୍‌ଘାଟନ ଅବସରରେ କରୋନା ସମୟରେ ସମାଜ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଇଂ କ୍ଷୀରୋଦ କୁମାର ସାହୁ, ପପୁ ମହାନ୍ତି, ରେଞ୍ଜର ନବୀନ ପ୍ରଧାନ, ଲକ୍ଷ୍ମୀ ନାରାୟଣ ଜୟସ୍ୱାଲଙ୍କୁ କରୋନା ଯୋଦ୍ଧା ଭାବେ ଉପଢୌକନ, ପ୍ରମାଣପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶୁଆଶାରୀ ପରିଚାଳିକା ନିର୍ଦ୍ଦେଶିକା ପୁଷ୍ପିତାରାଣୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କେ.ସି ରାଉତ ଧନ୍ୟବାଦ ଦେଇଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ରାଉରକେଲା ଅଫିସ,୧୦।୧୧**

ଟାଙ୍ଗରପାଲି ଥାନା ଅନ୍ତର୍ଗତ ସୋନାପରବତ ଅଞ୍ଚଳରେ ପୋଖରୀରେ ବୁଡିଯାଇ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ କାର୍ତ୍ତିକ ଭୂମିଜ(୬୫)। ପୋଲିସ ଏ ନେଇ ନଂ ୨୫/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ସୁନାପରବତ ଡୁଙ୍ଗୁରିଟୋଲା ବସ୍ତିରେ କାର୍ତ୍ତିକ ରହୁଥିଲେ । ବୁଧବାର ମଧ୍ୟାହ୍ନରେ ସେ ବସ୍ତି ପାଖରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥଲେ। କୌଣସି କାରଣରୁ ତାଙ୍କ ଗୋଡ ଖସି ଯିବାରୁ ସେ ପୋଖରୀରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା।

## ଜିଇଓ ଟ୍ୟାଗ୍ କର୍ମଚାରୀ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ



ଜିଇଓ ଟ୍ୟାଗ କର୍ମଚାରୀ ମହାସଂଘ ସ୍ମାରକପତ୍ର ପ୍ରଦାନ ପାଇଁ ଆସିଛନ୍ତି।

**ଦେବଗଡ଼,୧୦।୧୧(ଡି.ଏନ.ଏ.)**

ଜିଇଓ ଟ୍ୟାଗ କର୍ମଚାରୀମାନଙ୍କ ୪ଦଫା ଦାବି ପୂରଣ ନେଇ ବୁଧବାର ଓଡ଼ିଶା ଜିଇଓ ଟ୍ୟାଗ କର୍ମଚାରୀ ମହାସଂଘ, ରିଆମାଳ ଶାଖା (ଦେବଗଡ ଜିଲା) ପକ୍ଷରୁ ରିଆମାଳ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଓଡିଶା ଜିଇଓ ଟ୍ୟାଗ କର୍ମଚାରୀ ମହାସଂଘ, ରିଆମାଳ ଶାଖା ସଭାପତି ବାଦଲ ଝାଙ୍କର, କାର୍ଯ୍ୟକାରୀ ସଭାପତି ନବୀନ ଦୀପ, ଉପସଭାପତି ଲୋକନାଥ ପାତ୍ର, ସମ୍ପାଦକ ଜୁକେନ ମାଝି, ସହ ସମ୍ପାଦକ କୌଶିକ ବାଘ ଓ କୋଷାଧ୍ୟକ୍ଷ ଲୋକନାଥ ସାହୁ ପ୍ରମୁଖ ରିଆମାଳ ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓ ଦିବ୍ୟ ଶଙ୍କର ଜୟପୁରିଆଙ୍କୁ ୪ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉକ୍ତ ସ୍ମାରକପତ୍ରରେ ଜିଇଓ ଟ୍ୟାଗ କର୍ମଚାରୀମାନଙ୍କୁ ମାସିକ ମାନଦେୟ ସହିତ କାର୍ଯ୍ୟ ଚିଠା ପ୍ରଦାନ କରାଯିବା, ପଞ୍ଚାୟତସ୍ତରରେ ସ୍ୱତନ୍ତ୍ର ପୋଷ୍ଟ (ଡାଟା ଏଣ୍ଟ୍ରି) ପ୍ରଦାନ, ମାସିକ ମୋବିଲିଟି ସପୋର୍ଟ ପ୍ରଦାନ ଓ ସେମାନଙ୍କୁ ଟ୍ୟାଗ ଅଫିସର ଇନସେଟିଭ ପ୍ରଦାନ ଆଦି ଦାବି ଉଲ୍ଲେଖ ରହିଛି।

## କଂଗ୍ରେସ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ

**ରାଜଗାଙ୍ଗପୁର,୧୦।୧୧(ଡି.ଏନ.ଏ.)**

ବୁଧବାର ରାଜଗାଙ୍ଗପୁର ସହରରେ କଂଗ୍ରେସର ଏକ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ବିଧାୟକ ଡା. ସି ଏସ ରାଜନ ଏକ୍କା, ରାଜଗାଙ୍ଗପୁର ଟାଉନ କଂଗ୍ରେସ ସଭାପତି ଇଫ୍ତେକାର ଅହମ୍ମଦ (ପାକା ବାବୁ) ଓ ଅନ୍ୟ ନେତୃବୃନ୍ଦ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ । ଭାଜପା ଓ ବିଜେଡି ସାଧାରଣ ଜନତାଙ୍କ ହିତକୁ ଉପେକ୍ଷା କରି ଚାଲିଛନ୍ତି। ଏଣୁ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଓ ପୌର ନିର୍ବାଚନରେ ବିପୁଳ ସଂଖ୍ୟାରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ କାମ କରିବାକୁ କର୍ମୀମାନଙ୍କୁ ଆହ୍ୱାନ କରାଯାଇଥିଲା। ଏହି ଅବସରରେ ରାଜଗାଙ୍ଗପୁର ବିଧାୟକ ଏକ୍କାଙ୍କ ବଳିଷ୍ଠ ନେତୃତ୍ୱ ତଥା ତାଙ୍କ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଭିନ୍ନ ପଞ୍ଚାୟତର ଯୁବ ଗୋଷ୍ଠୀ ବହୁ ସଂଖ୍ୟାରେ କଂଗ୍ରେସରେ ଯୋଗଦାନ କରିଥିଲେ । ସେମାନଙ୍କୁ ବିଧାୟକ ଓ ଅନ୍ୟ ନେତୃବୃନ୍ଦ ସ୍ୱାଗତ କରିଥିଲେ। ସରପଞ୍ଚ ରିଲାଶୁଶିଲା ଟପ୍ପୋ, ସରପଞ୍ଚ ଅଞ୍ଜଳି ଏକ୍କା, ସରପଞ୍ଚ ସୁକାନ୍ତି କିଷାନ, ସରପଞ୍ଚ ଏ.ଏକ୍କା, ସରପଞ୍ଚ ବିଜୟ ଲାକ୍ରାଙ୍କ ସହ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ରହିଥିଲେ।

## ଗାଁ ସାଥୀ ସଂଘର ବୈଠକ

**କୁତ୍ରା,୧୦।୧୧(ଡି.ଏନ.ଏ.)**

ନିଖିଳ ଓଡିଶା କୁତ୍ରା ବ୍ଲକ ଗାଁ ସାଥୀ ସଂଘ ପକ୍ଷରୁ ବୁଧବାର କୁତ୍ରା ଚିତ୍ତ ବିନୋଦନ କେନ୍ଦ୍ରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ବିଭିନ୍ନ ଦାବି ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ମାସିକ ଦରମା ୮ ହଜାରରୁ ଉର୍ଦ୍ଧ୍ୱ କରିବା, ଜବ୍‌କାର୍ଡଧାରୀଙ୍କୁ ବର୍ଷକୁ ୧୦୦ ଦିନ ବଦଳରେ ୨୦୦ ଦିନ କାର୍ଯ୍ୟ ବୃଦ୍ଧି , ସରପଞ୍ଚ କରୁଥିବା ମନ ମୁତାବକ ଗାଁ ସାଥୀ ଚୟନ ବନ୍ଦ କରିବା ଆଦି ଦାବି ରହିଛି। ବୈଠକରେ ସଂଘର ଜିଲା ସଭାପତି ଭେଷଜ ମୁଣ୍ଡା, ଜିଲା ସମ୍ପାଦକ ଡିଲେଶ୍ୱର ମାଝୀ, କୁତ୍ରା ବ୍ଲକ ସଭାପତି ବିନୋଦ ସୁନାନୀ, ଆଶା କୁଜୁର, ସବିତା କାଲୋ, ଏମଡି ହସରଜ, ଲଳିତା ଅମାତ, ବଜରଙ୍ଗ ଜୟପୁରିୟା, ସୋମା ମିଞ୍ଜ, ସରୋଜିନୀ କୁଲୁ, ସୁରଭି ମହାନନ୍ଦିୟା ପ୍ରମୁଖ ଯୋଗ ଦେଇଥିଲେ। ଏହାଛଡା ବଡ଼ଗାଁ ବ୍ଲକ, ଲାଠିକଟା,ରାଜଗାଙ୍ଗପୁର,ଟାଙ୍ଗରପାଲି, ବିଶ୍ରା, ଗୁରୁଣ୍ଡିଆ ଏବଂ ବାଲିଶଙ୍କରା ବ୍ଲକର ଗାଁ ସାଥୀମାନେ ଯୋଗ ଦେଇଥିଲେ।



ବୈଠକରେ ସଂଘର ଜିଲା ସଭାପତି ଓ ଅନ୍ୟମାନେ ।

**ବିଡିଓଙ୍କୁ ଦାବିପତ୍ର ପ୍ରଦାନ**

## ଏନ୍‌ଟିପିସିର ୪୭ତମ ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସରେ ଯୋଗ ଦେଇଥିବା ଅତିଥି ।

**ସୁନ୍ଦରଗଡ,୧୦।୧୧(ଡି.ଏନ୍.ଏ.)**

ଏନଟିପିସି ଦର୍ଲିପାଲି ବୃହତ୍ ତାପଜ ବିଦ୍ୟୁତ ପ୍ରକଳ୍ପ ତରଫରୁ ଏନଟିପିସିର ୪୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରକଳ୍ପ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ ସମାରୋହରେ ପ୍ରକଳ୍ପର ଚିଫ ଜେନେରାଲ ମ୍ୟାନେଜର ଏକେ ସାମେୟାର ଏନଟିପିସି ପତାକା ଉତ୍ତୋଳନ କରି ଦେଶରେ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଏନଟିପିସିର ଅବଦାନ ଓ ଗୌରବମୟ ଐତିହ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସେ ପ୍ରକଳ୍ପର ଅଧିକାରୀ ଓ କର୍ମଚାରୀମାନେ ନିଷ୍ଠାପର ଭାବେ ନିଜର କର୍ତ୍ତବ୍ୟ ସଂପାଦନ ପାଇଁ ଆହ୍ୱାନ ଦେଇଥିଲେ। ଏହି ଉପଲକ୍ଷେ ପ୍ରକଳ୍ପ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମାରୋହରେ ଅଭିଳାଷା ଲେଡିସ କ୍ଲବର ସଭାନେତ୍ରୀ ମନୀଷା ସାମେୟାର , ଏନଟିପିସି ଦୁଲଙ୍ଗା କୋଇଲା ଖଣି ପ୍ରକଳ୍ପର ମୁଖ୍ୟ ଶିବମ ଶ୍ରୀବାସ୍ତବଙ୍କ ସମେତ ଅନ୍ୟାନ୍ୟ ବିଭାଗର ଜିଏମ୍, ବରିଷ୍ଠ ଅଧିକାରୀମାନେ କୋଭିଡ ନିୟମ ଅନୁଯାୟୀ ଭର୍ଚୁଆଲ ମୋଡରେ ସାମିଲ ହୋଇଥିଲେ।

## ଓରାଘାଟ ଲୌହଖଣି ଉତ୍ପାଦନ କ୍ଷମତା ବୃଦ୍ଧି ଲାଗି ଜନଶୁଣାଣି

**ଟେନସା,୧୦।୧୧(ଡି.ଏନ.ଏ.)**

ରାଜ୍ୟ ପ୍ରଦୂଷଣ ବିଭାଗ ପକ୍ଷରୁ ରୁଙ୍ଗଟା ଓରାଘାଟ ଲୌହ ଖଣି ଉତ୍ପାଦନ କ୍ଷମତା ବୃଦ୍ଧି ନିମନ୍ତେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ଜିଲା କୋଇଡା ତହସିଲର ଓରାଘାଟ ଗ୍ରାମର ୮୨.୯୬୧ ହେକ୍ଟର ଅଞ୍ଚଳରେ ଅବସ୍ଥିତ ମେସର୍ସ ରୁଙ୍ଗଟା ସନ୍ସ (ପ୍ରା) ଲିମିଟେଡ଼ର ଲୌହ ପଥର ଉତ୍ପାଦନ କ୍ଷମତା ବାର୍ଷିକ ୮.୩୫ ନିୟୁତ ଟନରୁ ବାର୍ଷିକ ୧୧.୦୦ ନିୟୁତ ଟନକୁ ବୃଦ୍ଧି ନିମନ୍ତେ ଜନଶୁଣାଣି ହୋଇଥିଲା । ଓରାଘାଟ ହନୁମାନ ମନ୍ଦିର ଖେଳପଡିଆରେ ଅନୁଷ୍ଠିତ ଜନଶୁଣାଣିରେ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ର, ପ୍ରଦୂଷଣ ବିଭାଗ ରାଉରକେଲା ଆଞ୍ଚଳିକ ଅଧିକାରୀ ଡ଼. ବିନୋଦ ବିହାରୀ ଦାସ, ବୈଜ୍ଞାନିକ ବିଜୟ ଭୋଇ, ବଣାଇ ଉପଜିଲାପାଳ ପ୍ରଦୀପ ଡାଙ୍ଗ, କୋଇଡା ତହସିଲଦାର ଡିଏସ ଶୁଭଦର୍ଶୀ ଯୋଶୀ ଯୋଗ ଦେଇଥିଲେ । ଓରାଘାଟ ଲୌହଖଣିର ଜିଏମ ସୁବାସ ଚନ୍ଦ୍ର ପ୍ରଧାନ ଖଣି ଉତ୍ପାଦନ କ୍ଷମତା ବୃଦ୍ଧି ହେଲେ ପାରିପାର୍ଶ୍ୱିକ ଅଞ୍ଚଳରେ କି ପ୍ରଭାବ ପଡିବ ଓ ଏହାର କିପରି ପ୍ରତିକାର କରାଯିବ ସେ ନେଇ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ଓରାଘାଟ ଗ୍ରାମର ଆନନ୍ଦ ବାରିକ, ସ୍ଥାନୀୟ ସରପଞ୍ଚ ଦିବାକର ନାଏକ, ବାଦଲ ବାରିକ, ରବିନାରାୟଣ ମିଶ୍ର, ମିତାରାଣୀ ନାଏକ, ପରମେଶ୍ୱର ନାଏକ, ଲକ୍ଷ୍ମୀନାରାୟ ଜୟିଶ୍ୱାଳ, ସନ୍ଧ୍ୟାରାଣୀ ନାଏକ, ଅନୀତା ପୂର୍ତ୍ତି, ପ୍ରମିଳା ନାଏକ, ଜନାର୍ଦ୍ଦନ ଦେହୁରୀ, ଭୀମସେନ ଚୌଧୁରୀ, ଅନୀଲ ବର୍ଲା, ରିନାରାଣୀ କୁମୁଣ୍ଡିଆଲଙ୍କ ସମେତ ୪୭ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଓରାଘାଟ ଖଣି ସପକ୍ଷରେ ମତାମତ ଦେଇଥିଲେ । ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ଗ୍ରାମକୁ ପାନୀୟ ଜଳ, ବିଦ୍ୟୁତ୍, ଆମ୍ବୁଲାନ୍ସ ଯୋଗାଣ, ରାସ୍ତାଘାଟର ଉନ୍ନତୀକରଣ ପାଇଁ ଗ୍ରାମବାସୀ ଦାବି କରିଥିଲେ। ଦାବି ପୂରଣ କରିବା ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୋଇଡା ଜୋନର ମୁଖ୍ୟ ଅନନ୍ତ ଶଙ୍କର ମହାପାତ୍ର ପ୍ରତିଶ୍ରୁତି ଦେଇଥିଲେ । ରୁଙ୍ଗଟା ସନ୍ସ ପକ୍ଷରୁ ନିର୍ଦ୍ଦେଶକ ହୀରକ ମଜୁମଦାର, ପ୍ରଶାସନ ବିଭାଗର ମୁଖ୍ୟ ରାମୁ ଅଗ୍ରୱାଲ,ଲୋଜଷ୍ଟିକ ମୁଖ୍ୟ ରାମପାଲ ଚୌଧୁରୀ, ରୁଙ୍ଗଟା ପ୍ଲାଣ୍ଟ ମୁଖ୍ୟ ପ୍ରଣୟ ଦେଓ ପ୍ରମୁଖ ଯୋଗ ଦେଇଥିଲେ।

GOVT. OF ODISHA
Government of Odisha
No. B-584
"e" Procurement Notice
Bid Identification No. PWDK-12/2021-22
e-mail: eepwdkeonjhar@yahoo.com
No. G2/7381 Dt.06.11.2021

| | | |
|---|---|---|
| 1. | No. of the Work | : 07 Nos. Building Works |
| 2. | Estimated Cost | : From Rs.41.41 to Rs.42.97 lakhs |
| 3. | Period of Completion | : 6 (Six) Calendar Months |
| 4. | Date and time of availability of Bid document in the portal | : From 10.00 hr. 15.11.2021 to 17.00 hr. of 24.11.2021 |
| 5. | Last date/time for receipt of bids in the portal | : 17.00 hr. of 24.11.2021 |
| 6. | Date of Opening of Bid from Portal | : 11.30 hrs. of 25.11.2021 |
| 7. | Name and address of the Officer Inviting Bid | : Superintending Engineer, Keonjhar (R&B) Division, Keonjhar |

Further details can be seen from the e-procurement portal "http://tendersodisha.gov.in".

Sd./- S.K. Behera
Superintending Engineer
Keonjhar (R&B) Division
OIPR-34004/11/0007/2122

## ନାଳରେ ବୋରି ବାନ୍ଧିଲେ ଚାଷୀ

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ସଦର ବ୍ଲକ ଶିବତଲା ପଞ୍ଚାୟତ ଅନ୍ତର୍ଗତ ଲୁଚକିବନ୍ଧ ଭଙ୍ଗାମୁଣ୍ଡା ନାଳରେ ଗ୍ରାମବାସୀ ବୋରିବନ୍ଧ ନିର୍ମାଣ କରିଛନ୍ତି। ଏନେଇ ଗାଁରେ ଏକ ବୈଠକରେ ନିଷ୍ପତ୍ତି ପରେ ରିଲାଏନ୍ସ ଫାଉଣ୍ଡେସନ ଓ ଗାଁର ପ୍ରାୟ ୩୦ଜଣ ଚାଷୀଙ୍କ ସହଯୋଗରେ ଉକ୍ତ ବୋରିବନ୍ଧନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଉକ୍ତ କାର୍ଯ୍ୟକୁ ରିଲାଏନ୍ସ ଫାଉଣ୍ଡେସନର ପ୍ରୋଜେକ୍ଟ ମ୍ୟାନେଜର ସନ୍ତୋଷ କୁମାର ଖଣ୍ଡାଇ ପରିଚାଳନା କରିଥିବା ବେଳେ ସ୍ଥାନୀୟ ସରପଞ୍ଚ ବାଳକୃଷ୍ଣ ବେହେରା, ୱାର୍ଡସଭ୍ୟ ଦିବ୍ୟଶଙ୍କର ମାଝୀ, କିଶୋର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସିଆରପି ସୁଶାନ୍ତ କୁମାର ଭୋଇ କାର୍ଯ୍ୟର ତଦାରଖ କରିଥିଲେ । ଏହି ନାଳରେ ବୋରିବନ୍ଧନ କରାଯିବା ଦ୍ୱାରା ପ୍ରାୟ ୪୦ଏକର ଚାଷଜମିକୁ ପାଣି ମାଡିବ ।

## ସଂକ୍ଷେପରେ

### ଅଧିକାରୀଙ୍କ ଦେଖା ପାଇଲେନି, କୃଷି ପରାମର୍ଶ କେନ୍ଦ୍ରରୁ ଫେରିଲେ ଚାଷୀ

ଦେଓଗାଁ,୧୦।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ କୃଷି ପରାମର୍ଶ କେନ୍ଦ୍ର ଖୋଲା ରହୁଥିଲେ ହେଁ ପ୍ରାୟ ଦିନରେ କୌଣସି ଅଧିକାରୀଙ୍କ ସାକ୍ଷାତ୍ ମିଳୁ ନାହିଁ। ବୁଧବାର ଲଣ୍ଡାପଥର ପଞ୍ଚାୟତର ୩୦ରୁ ଉର୍ଦ୍ଧ୍ୱଚାଷୀ ମଧ୍ୟାହ୍ନରେ କୃଷି ପରାମର୍ଶ କେନ୍ଦ୍ରକୁ ଚାଷ ସମ୍ବନ୍ଧରେ ପରାମର୍ଶ ପାଇଁ ଯାଇଥିଲେ। ହେଲେ ସେଠାରେ ମାତ୍ର ଜଣେ କର୍ମଚାରୀ ଥିବା ନଜରକୁ ଆସିଥିଲା। ତାଙ୍କୁ ଚାଷ ସମ୍ବନ୍ଧରେ ଚାଷୀମାନେ ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ପାରି ଅଧିକାରୀ ଆସିଲେ ଆସିବ ବୋଲି କହିଥିଲେ। ଏହାକୁ ନେଇ ଚାଷୀ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ପରେ ଫୋନ ମାଧ୍ୟମରେ ବ୍ଲକ କୃଷି ଅଧିକାରୀ ବାବାଜୀ ଚରଣ ସେଠୀଙ୍କୁ ପଚାରିବାରୁ ସେ ଲଣ୍ଡାପଥର ଗାଁକୁ ଯାଇ ସମସ୍ୟା ବିଷୟରେ ବୁଝିବେ ବୋଲି ଆଶ୍ୱାସନା ଦେବା ପରେ ଚାଷୀମାନେ ଘରକୁ ଫେରିଥିବା ଚାଷୀ ହୁତାସନ ପାତ୍ର, କମଳାକାନ୍ତ ଭୂଏ, ଛତିଷ କ୍ଷେତି, ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ ପ୍ରମୁଖ ସୂଚନା ଦେଇଛନ୍ତି।

### ଜାତୀୟ ଆଇନ୍ ସେବା ଦିବସ ପାଳିତ

ବୋଡେନ,୧୦।୧୧(ଡି.ଏନ.ଏ.): ବୋଡେନ ଜେଏମ୍ଏଫ୍‌ସି ତଥା ତାଲୁକ୍ ଆଇନ୍ ସେବା ପ୍ରାଧିକରଣ ଅନୁକୂଲ୍ୟ ତଥା ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ ଜାତୀୟ ସେବା ସଂସ୍ଥା ସହଯୋଗରେ କଲେଜ ପରିସରରେ ଜାତୀୟ ଆଇନ୍ ସେବା ଦିବସ ତଥା ଆଇନ୍ ସେବା ମାଧ୍ୟମରେ ମହିଳା ସଶକ୍ତିକରଣ ସମ୍ପର୍କିତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କଲେଜ ଅଧକ୍ଷ ଅବନୀ କୁମାର ଖମାରୀଙ୍କ ଅଧକ୍ଷତା ତଥା ଜାତୀୟ ସେବା ସଂସ୍ଥା ଜିଲା କାର୍ଯ୍ୟକ୍ରମ ଅଧିକାରୀ ସନ୍ତୋଷ କୁମାର ମୁଣ୍ଡଙ୍କ ପରିଚାଳନାରେ ଜେଏମ୍ଏଫ୍‌ସି ବୋଡେନ ନ୍ୟାୟାଧିଶ ନରୋଜ କୁମାର ସାହୁ ଅତିଥି ଭାବେ ଯୋଗଦେଇଥିବା ବେଳେ ଆଇନଜୀବୀ ହିରାଲାଲ ମାଝି ଓ ଜାତୀୟ ସେବା ସଂସ୍ଥା କାର୍ଯ୍ୟକ୍ରମ ଅଧିକାରୀ ଡ. କିଶୋର କୁମାର କର୍ଣ୍ଣ ମଚାଷ୍ଟନ ଥିଲେ। ଜେଏମ୍ଏଫ୍‌ସି ପକ୍ଷରୁ ଦେବାଶିଷ ମହାନ୍ତି, ସିଏସ୍ଆଇ ଯଦୁମଣୀ ପ୍ରଧାନୀଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଅଧାପିକା ନିଲିମା ନିଆଲ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ କଲେଜ ସମସ୍ତ ଅଧାପକ ଅଧାପିକା, କର୍ମଚାରୀ ଓ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ।

### କଫ ସିରପ୍ ଜବତ, ୨ ଗିରଫ

ବରଗଡ଼ ଅଫିସ୍,୧୦।୧୧: ବରଗଡ଼ ଜିଲା ସୋହେଲା ଥାନା ପୋଲିସ ମଙ୍ଗଳବାର ଅପରାହ୍ନ ସାଢ଼େ ୪ଟାରେ ଏକ କଫ ସିରପ୍ ବୋଝେଇ ମହିନ୍ଦ୍ରା ଜାଇଲୋ ଗାଡ଼ି(ନଂ-ଓଆର୧୭ଜି ୨୮୨)କୁ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ, ଝାରବନ୍ଧ ଥାନା ଅଡ଼ାପାଣି ଗ୍ରାମର ହେମନ୍ତ ହଂସ(୪୩) ଏବଂ ପଦ୍ମପୁର ୱାର୍ଡ଼ ନଂ-୮ ନିବାସୀ ଚିତ୍ତରଞ୍ଜନ ମେହେର(୪୩)। ସେମାନଙ୍କ ପାଖରୁ ବ୍ୟବହୃତ ଉପରୋକ୍ତ ଜାଇଲୋ ଗାଡ଼ି ସମେତ ୧୭୩୦ ବୋତଲ କଫ ସିରପ୍ ଜବତ ହୋଇଛି ।

# ଘରୁ ଉଠାଇ ନେଲେ, ରାସ୍ତାରେ ଛାଡ଼ିଦେଲେ

**ପୂର୍ବ ଶତ୍ରୁତାକୁ ନେଇ ଗଣ୍ଡଗୋଳ ସନ୍ଦେହ**



ଘରୁ ଉଠାଇ ନେବାଥିବା ଗୋପବନ୍ଧୁ ନଗରର ଶିବପ୍ରସାଦ ବେହେରା।

ବଲାଙ୍ଗୀର ଅଫିସ, ୧୦।୧୧

ବଲାଙ୍ଗୀର ଗୋପବନ୍ଧୁ ନଗରରେ ମଙ୍ଗଳବାର ପ୍ରାୟ ୯ଟାରେ ପ୍ରାୟ ୩୦ଜଣ ଯୁବକ ଗୋପବନ୍ଧୁ ନଗରର ଶିବପ୍ରସାଦ ବେହେରାଙ୍କ ଘରେ ପଶିଥିଲେ। ସେଠାରେ ପଶିବା କ୍ଷଣି ବାଇକ୍ ଓ ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ଯୁବକଙ୍କ ଅତର୍କିତ ଆକ୍ରମଣରେ ପରିବାର ଲୋକେ ଭୟଭୀତ ହୋଇପଡିଥିଲେ। ଶିବପ୍ରସାଦଙ୍କ ପୁଅ ବିମଳ ବେହେରା କେଉଁଠି ଅଛନ୍ତି ବୋଲି ଯୁବକମାନେ ପଚାରିଥିଲେ। ବିମଳ ଘରେ ନଥିବାରୁ ସେମାନେ ତାଙ୍କ ବାପା ଶିବପ୍ରସାଦଙ୍କୁ ଘରୁ ଉଠାଇ ନେଇଥିଲେ। ଏକ ଅଟୋରିକ୍ସାରେ ଶିବପ୍ରସାଦଙ୍କୁ ମୁଖା ପିନ୍ଧାଇ ଉଠାଇ ନେବା ପରେ ୧୧ ଟାରେ ତାଙ୍କୁ ସହରର ଆରଟିଓ ଅଫିସ ଛକରେ ଛାଡି ଦେଇ ସେଠାରୁ ଫେରାର ହୋଇଯାଇଥିଲେ। ରାତିରେ ଆରଟିଓ ଅଫିସ ଛକରୁ ପ୍ରାୟ ୬ କିଲୋମିଟର ଦୂର ଗୋପବନ୍ଧୁ ନଗରକୁ ଶିବପ୍ରସାଦ ଚାଲିକରି ଆସିଥିବା ଜଣାପଡିଛି। ଏହି ଘଟଣା ଜଣାପଡିବା ପରେ ସହରରେ ଚାଞ୍ଚଲ୍ୟ ଖେଳି ଯାଇଥିଲା। କେଉଁ କାରଣରୁ ଶିବପ୍ରସାଦଙ୍କ ଘରକୁ ଯୁବକ ଦଳ ପଶି ଭଙ୍ଗାରୁଜା କରି ତାଙ୍କୁ ଉଠାଇ ନେଲେ ତାହା ସ୍ପଷ୍ଟ ହୋଇନାହିଁ। ପୂର୍ବ ଶତ୍ରୁତାକୁ ନେଇ ଯୁବକମାନେ ଘରେ ପଶି ଏଭଳି ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି। ଘଟଣା ସମ୍ପର୍କରେ ଟାଉନ୍ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଏନେଇ ପୋଲିସ ଖବର ପାଇବା ପରେ ତଦନ୍ତ ଆରମ୍ଭ କରିଥିଲା।

ମିଳିଥିବା ସୂଚନା ମୁତାବକ ଶିବପ୍ରସାଦଙ୍କ ପୁଅ ବିମଳଙ୍କ ସହ ତିନିଦିନ ତଳେ ମହାଲକ୍ଷ୍ମୀନଗରର କୋଡେକ ଯୁବକଙ୍କ ଗଣ୍ଡଗୋଳ ହୋଇଥିଲା। ଏହି ଆକ୍ରମଣରେ ବିମଳଙ୍କ ଆହତ ହୋଇଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଏହି ଘଟଣା ପରେ ସୋମବାର ବିମଳ ଓ ତାଙ୍କର କେତେକ ସାଙ୍ଗ ମହାଲକ୍ଷ୍ମୀନଗରପଡାକୁ ଯାଇ ଜଣେ ଯୁବକଙ୍କୁ ଖୋଜିଥିଲେ। ସେଠାରେ ଖୋଜୁଥିବା ଯୁବକଙ୍କ ନ ପାଇବାରୁ ସେହି ଯୁବକଙ୍କ ଘରେ ଭଡାରେ ଥିବା ଜଣେ ବ୍ୟକ୍ତିଙ୍କୁ ଉଠାଇ ଆଣିଥିଲେ। ତେବେ କିଛି ସମୟ ପରେ ଉଠାଇ ଆଣିଥିବା ଯୁବକଙ୍କୁ ଛାଡି ଦେଇଥିଲେ। ଏହି ଘଟଣା ଜାଣିବା ପରେ ମଙ୍ଗଳବାର ରାତିରେ ସେହି ପଡାର କେତେକ ଯୁବକ ଗୋପବନ୍ଧୁନଗରକୁ ଯାଇ ବିମଳଙ୍କୁ ଖୋଜିଥିଲେ ଓ ତାଙ୍କୁ ନପାଇବାରୁ ତାଙ୍କ ପିତା ଶିବପ୍ରସାଦଙ୍କୁ ଉଠାଇ ଆଣିଥିଲେ। ଏହି ଘଟଣାକୁ ନେଇ ଟାଉନ୍ ପୋଲିସ ଉଭୟ ପକ୍ଷଙ୍କୁ ଡାକି ପଚରାଉଚରା କରୁଥିବା ଜଣାପଡିଛି। ଘଟଣା ସମ୍ପର୍କରେ ପଚରାଉଚରା ଜାରି ରହିଥିବା ପୋଲିସ ସୂତ୍ରରୁ ଜଣାପଡିଛି।

## ମନ୍ତ୍ରୀଙ୍କ ଦ୍ୱାରା ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ



ମନ୍ତ୍ରୀ ଟୁକୁନି ସାହୁ ଜଣେ ମହିଳାଙ୍କୁ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ପ୍ରଦାନ କରୁଛନ୍ତି।

ପଲମ,୧୦।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତଠାରେ ବୁଧବାର ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁଙ୍କ ସହ ନର୍ଲା ବିଧାୟକ ଭୁପିନ୍ଦର ସିଂ, ବ୍ଲକ ଅଧକ୍ଷା ମନୋରମା ମହାନ୍ତି, ନର୍ଲା ବ୍ଲକ ଉପାଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ନର୍ଲା ସିଡିପିଓ, ସରପଞ୍ଚ, ପିଇଓ, ରାଜସ୍ୱ ନିରୀକ୍ଷକ ଅଧିକାରୀ ପ୍ରମୁଖ ଯୋଗଦେଇ କାର୍ଡ ବଣ୍ଟନରେ ସହଯୋଗ କରିଥିଲେ। ନର୍ଲା ବ୍ଲକରେ ଗତ ୮ ତାରିଖଠାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଅଛି। ପଲମ ପଞ୍ଚାୟତର ପ୍ରାୟ ୧୨୦ ଏବଂ ଟକର୍ଲା ପଞ୍ଚାୟତର ପ୍ରାୟ ୭୫ଜଣ ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଛି।

## ବଲାଙ୍ଗୀର ଦିନ୍ ଆୟୋଜନ କମିଟିର ଜିଲାପାଳଙ୍କୁ ସମ୍ବର୍ଦ୍ଧନା



ଜିଲାପାଳ ଚଞ୍ଚଳ ରାଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ବଲାଙ୍ଗୀର ଅଫିସ, ୧୦।୧୧

ବଲାଙ୍ଗୀର ଦିନ୍ ଆୟୋଜକ କମିଟି ପକ୍ଷରୁ ଜିଲାପାଳ ଚଞ୍ଚଳ ରାଣାଙ୍କୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି। ଅଧକ୍ଷ ଅଙ୍କୁଶ ପାଣ୍ଡିଆଙ୍କ ନେତୃତ୍ୱରେ ୧୦ ଜଣିଆ କମିଟି ସଦସ୍ୟ ସମ୍ବର୍ଦ୍ଧିତ କରିଥିଲେ। ନଭେମ୍ବର ୧ ବଲାଙ୍ଗୀର ଦିନ୍‌ପାଳନକୁ ସରସ ସୁନ୍ଦର କରିବା ପାଇଁ ଜିଲାପାଳ ଓଡିଆ ଭାଷା ସାହିତ୍ୟ ଓ ସାଂସ୍କୃତିକ ବିଭାଗ ଶାସନ ସଚିବଙ୍କୁ ସୁପାରିଶ କରିଥିବାରୁ ଆୟୋଜନ କମିଟି ସଦସ୍ୟମାନେ କୃତଜ୍ଞତା ଜଣାଇଥିଲେ। କମିଟି ଉପଦେଷ୍ଟା ରତନ ମହାରଣା, ପ୍ରଭାସ ପାଣିଗ୍ରାହୀ, ପ୍ରଭାକର ମିଶ୍ର, ବିକାଶ ସା, ସଞ୍ଜୀବ ସାହୁ, ବିନୋଦ କାଲସାଏ, କୈଳାସ ମିଶ୍ର, ବ୍ୟାସଦେବ ନନ୍ଦ, ଲୋଟସ ଷଡଙ୍ଗୀ, ସାହିଲ ସିଂ ଗଡତ୍ୟା, ଆବାହକ ଜୟକୃଷ୍ଣ ମିଶ୍ର, ସମ୍ପାଦକ ପ୍ରଶାନ୍ତ ମହାକୁର ଉପସ୍ଥିତ ଥିଲେ।

## ବିଧବା, ଅସହାୟ ମହିଳାଙ୍କୁ କମ୍ବଳ ବଣ୍ଟନ



ମହିଳାମାନଙ୍କୁ ସାମାଜିକ କର୍ମୀ ଅମନ ନାଗ କମ୍ବଳ ବଣ୍ଟନ କରୁଛନ୍ତି।

ବଲାଙ୍ଗୀର ଅଫିସ, ୧୦।୧୧

ବଲାଙ୍ଗୀର ସହରର ମାଲପଡ଼ାସ୍ଥିତ ରାମ ମନ୍ଦିରଠାରେ ମ୍ୟୁନିସିପାଲିଟିର ୧୪ ଏବଂ ୧୫ ନମ୍ବର ୱାର୍ଡର ବିଧବା ଓ ଅସହାୟ ମହିଳାଙ୍କୁ ବୁଧବାର ଅପରାହ୍ଣରେ ମାଗଣାରେ କମ୍ବଳ ବଣ୍ଟନ କରାଯାଇଥିଲା। ବଲାଙ୍ଗୀର ଜିଲା ଓକିଲ ସଂଘ ସମ୍ପାଦକ ତଥା ସମାଜସେବୀ ଅମନ ନାଗ ମହିଳାମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଟିକଦଲ, ସାଇରାମ, ସନୋଜ ମିଶ୍ର, ଦିନେଶ କରନ ଓ ଶଙ୍କର ବଗର୍ତ୍ତି ଉପସ୍ଥିତ ରହି ସହଯୋଗ କରିଥିଲେ।

# ମରୁଡ଼ି ସହନଶୀଳ ଧାନଚାଷକୁ ଗୁରୁତ୍ୱ

ଲୋଇସିଂହା,୧୦।୧୧(ଡି.ଏନ.ଏ)




କୃଷକ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଅନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ର ଏବଂ କୃଷକ ସଶକ୍ତିକରଣ ବିଭାଗ ମିଳିତ ଆନୁକୂଲ୍ୟରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପଣ୍ଡରାଣୀଠାରେ କୃଷି ସଚେତନତା ଓ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବନ୍ୟା, ମରୁଡି ଓ ରୋଗପୋକ ସହନଶୀଳ ଏବଂ ପ୍ରୋଟିନ ଓ ଜିଙ୍କ ରହିଥିବା ଧାନଚାଷ କରିବା ଉପରେ ଚାଷୀଙ୍କୁ ପରାମର୍ଶ ଦିଆଯାଇଥିଲା। ସଭାରେ ଆଇଆରଆରଆଇର ଅଧିକାରୀ ଦିଲୀପ ରାଉତ ଅଧ୍ୟକ୍ଷତା କରି କୃଷି ଓ କୃଷକର ଉନ୍ନତି ପାଇଁ ୧୯ ପ୍ରକାର ନୂତନ କିଷମ ଧାନ ପରୀକ୍ଷାମୂଳକ ଭାବେ ଚାଷ କରିଥିବା ସୂଚନା ଦେଇଥିଲେ। ବଲାଙ୍ଗୀର ଜିଲାରେ ଶିଶୁଙ୍କଠାରେ କୁପୋଷଣ ଦେଖାଦେଇଛି। ଏଣୁ ଚାଷୀ ଅଧିକ ଅମଳକ୍ଷମ ଧାନ ପଛରେ ନପଡି ଉତ୍କୃଷ୍ଟ କିଷମର ଧାନଚାଷ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ ଉମାଶଙ୍କର ମିଶ୍ର ଯୋଗଦେଇ କହିଥିଲେ ଯେ, ଚାଷ ଜମି କମିଛି, ହେଲ ଧାନ ଅମଳ ବୃଦ୍ଧି ପାଇଛି । ବଳକା ଧାନ ଚାଷୀ ବିକ୍ରି କରି ପାରୁନାହାନ୍ତି। କେଉଁ ପ୍ରଣାଳୀରେ ଚାଷ କଲେ ଆଦାୟ ବୃଦ୍ଧି ପାଇବ ସେ ସମ୍ପର୍କରେ ଚାଷୀଙ୍କୁ ବୁଝାଇଥିଲେ। ବର୍ତ୍ତମାନ ଧାନଚାଷ ଆଉ ଚାଷୀଙ୍କୁ ଲାଭଦାୟକ ହେଉନାହିଁ । ତେଣୁ ରାଜ୍ୟ ସରକାର ଚାଷୀଙ୍କୁ ସମନ୍ୱିତ ପ୍ରଣାଳୀରେ ଚାଷ ପାଇଁ ପ୍ରୋତ୍ସାହନ ଯୋଗାଇବାକୁ ଯୋଜନା ପ୍ରସ୍ତୁତ କରୁଥିବା ସେ ସୂଚନା ଦେଇଥିଲେ । ୨ଏକର କ୍ଷେତ୍ର ବିଶିଷ୍ଟ ଚାଷ ଜମିରେ ଫାର୍ମପଣ୍ଡ ସମେତ ଧାନ, ପରିବା, ମାଛ ଏପରିକି ଘାସ ଚାଷ ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରାଯିବ ବୋଲି କୃଷିଅଧିକାରୀ ମିଶ୍ର କହିଥିଲେ । ଆଶିଷ କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ସମ୍ପଦ କୁମାର ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଚାଷୀ ଜଗତରାମ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ପରୀକ୍ଷାମୂଳକ ଭାବେ ଚାଷ ହୋଇଥିବା ଧାନ କ୍ଷେତ୍ରକୁ ଚାଷୀ ଓ କୃଷି ଅଧିକାରୀ ପରିଦର୍ଶନ କରି ମୂଲ୍ୟାଙ୍କନ କରିଥିଲେ ।

**କୃଷକ ସଚେତନତା କାର୍ଯ୍ୟକ୍ରମ**

## ଅବାଧରେ ଚାଲିଛି ଦାଦନ ଶ୍ରମିକ ଚାଲାଣ

ଲାଠୋର, ୧୦।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲାଠୋର ଅଞ୍ଚଳରୁ ବାହାର ରାଜ୍ୟକୁ ଚାଲିଛି ଅବାଧରେ ଦାଦନ ଶ୍ରମିକ ଚାଲାଣ। ସର୍ଦ୍ଦାରମାନେ ଅଗ୍ରୀମ ଦେଇ ବେଆଇନଭାବେ ବସ୍ ଓ ଟ୍ରେନ ଯୋଗେ ବାହାର ରାଜ୍ୟକୁ ସେମାନଙ୍କୁ ଚାଲାଣ କରୁଛନ୍ତି। ନିୟମିତଭାବେ ଏହିପରି ଚାଲିଥିଲେ ହେଁ ଶ୍ରମ ବିଭାଗର ନଜର ପଡୁ ନାହିଁ। ଏପରିକି ଲାଠୋର ଥାନା ନିକଟ ରେଳ ଷ୍ଟେଶନରୁ ବାହାର ରାଜ୍ୟକୁ ଦାଦନ ଶ୍ରମିକଙ୍କୁ ପଠାଯାଉଥିଲେ ବି ପୋଲିସ ହାତବାନ୍ଧି ବସିଛି। ଏପରି ନିଷ୍କ୍ରିୟତା ଅଧିକ ସଂଖ୍ୟାରେ ଶ୍ରମିକ ଚାଲାଣ ପାଇଁ ସର୍ଦ୍ଦାରମାନଙ୍କୁ ପ୍ରୋତ୍ସାହିତ କରୁଛି।

ଚଳିତ ବର୍ଷ ଦୁର୍ଗା ପୂଜା ପରେ ସର୍ଦ୍ଦାରମାନେ ଶ୍ରମିକମାନଙ୍କୁ ଅଗ୍ରୀମ ଦେଇଥିଲେ। ଏବେ ସେମାନଙ୍କୁ ଚାରି ଚକିଆ ଯାନରେ ଲାଠୋର ଆଣୁଛନ୍ତି। ଏଠାରୁ ବସ୍ ଓ ଟ୍ରେନ ଯୋଗେ ଆନ୍ଧ୍ରପ୍ରଦେଶ,ତାମିଲନାଡୁ, କେରଳ, ହାଇଦ୍ରାବାଦ, ତିରୁପତି, ଚେନ୍ନାଇ ଚାଲାଣ କରୁଛନ୍ତି। ଏପରିକି ପଠାଇଲେ ବେଳେ ସରକାରୀ ଗାଇଡ ଲାଇନ ପାଳନ କରାଯାଉନାହିଁ। କିଏ କେଉଁଠାକୁ କେତେ ଶ୍ରମିକ ନେଲା ତାର ଖବର କାହା ପାଖରେ ନାହିଁ। ତେବେ କାଁଭାଁ ଚଢାଉ କରି ପୋଲିସ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରୁଛି। ସର୍ଦ୍ଦାରମାନଙ୍କ ନାମରେ ମାମଲା ରୁଜୁ ହୋଇଥିବା ବେଳେ ଲାଠୋର ପୋଲିସ ଧର୍ମକୁ ଆଖିଠାର ସଦୃଶ ଦୁଇଟି ମାମଲା ରୁଜୁ କରୁଛି। ଏ ନେଇ ଶ୍ରମ ନିରୀକ୍ଷକ ନିରଞ୍ଜନ ଭୂୟାଁଙ୍କୁ ପଚାରିବାରୁ ଆମେ ବେଆଇନ ଦାଦନ ଶ୍ରମିକ ଚାଲାଣ ଉପରେ ନଜର ରଖିଛୁ। ସୂଚନା ମିଳିବା ମାତ୍ରେ ଚଢାଉ କରାଯାଉଛି ବୋଲି କହିଥିଲେ।

## ଜୟ ଜଗନ୍ନାଥ ଫୁଟ୍‌ବଲ: ଦେଓଗାଁ ଚାମ୍ପିୟନ

ଦେଓଗାଁ,୧୦।୧୧(ଡି.ଏନ.ଏ)



ଚାମ୍ପିୟନ ଦେଓଗାଁର ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ହାଇସ୍କୁଲ ଖେଳପଡିଆରେ ଚାଲିଥିବା ଜୟ ଜଗନ୍ନାଥ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମହିମୁଣ୍ଡା ଓ ଦେଓଗାଁ ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳ ଅମୀମାଂସିତ ରହିଥିଲା। ଟାଇବ୍ରେକର ୪-୨ଗୋଲରେ ଦେଓଗାଁ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ସମ୍ମାନୀତ ଅତିଥି ଜିଲା ପରିଷଦ ସଭ୍ୟ ସୁଶୀଲ କୁମାର ଚାନ୍ଦ, ବିଜୁ ଯୁବ ଜନତା ଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ରାଜପ୍ରତାପ ସିଂଦେଓ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ । ଏଥିରେ ୮ଟି ଆଞ୍ଚଳିକ ଦଳ ଅଂଶ ଗ୍ରହଣ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ଜୟ ଜଗନ୍ନାଥ ଫୁଟବଲ ଆସୋସିଏସନ କର୍ମକର୍ତ୍ତା ସହଯୋଗ କରିଥିଲେ।

# ତହସିଲ ଅଫିସ ସମ୍ମୁଖରେ ଚାଷୀଙ୍କ ବିକ୍ଷୋଭ

ଦେଓଗାଁ,୧୦।୧୧(ଡି.ଏନ.ଏ.)

**ଲଣ୍ଡାପଥର ପଞ୍ଚାୟତକୁ ଶତପ୍ରତିଶତ ମରୁଡି ଦାବି**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଲଣ୍ଡାପଥର ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ଦାବିରେ ପଞ୍ଚାୟତବାସୀ ବୁଧବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ ଓ ଅନ୍ତର୍ଯ୍ୟାମୀ ଭୋଇଙ୍କ ନେତୃତ୍ୱରେ ଚାଷୀମାନେ ତହସିଲ ଅଫିସ ଆସି ଏହିମର୍ମରେ ଏକ ଦାବିପତ୍ର ତହସିଲଦାର ଯୁଗଳ କିଶୋର ବିଶ୍ୱାଳଙ୍କୁ ପ୍ରଦାନ କରିଥିଲେ। ଚାଷୀ ହୁତାଶନ ପାତ୍ର, ଆନନ୍ଦ କୁମ୍ଭାର, ବୁନୁକୁ ନାଏକ, ଛତିଶ କ୍ଷେତି, କମଳକାନ୍ତ ଭୂଏ, ପଞ୍ଚାନନ ଭୂଏ, ପବିତ୍ର ଭୂଏ, ସୁରେଶ କାଲସାଏ, ନିତ୍ୟା କାଲସାଏ, ଶଶିକାନ୍ତ ବାଗ, ଶ୍ରୀରାମ ମାଝୀଙ୍କ ଅଭିଯୋଗ ଅନୁସାରେ ଲଣ୍ଡାପଥର ପାହାଡିଆ ଅଞ୍ଚଳ। ଚଳିତବର୍ଷ ଆରମ୍ଭରୁ ମୋଟେ ବର୍ଷା ନ ହେବାରୁ ଅର୍ଦ୍ଧାଧିକ ଚାଷଜମି ପଡିଆ ପଡିଛି । ଯେଉଁ ଚାଷୀମାନେ କୂଅ ପୋଖରୀରୁ ପାଣି ମଡାଇ ଚାଷ କରିଥିଲେ ପରେ ବର୍ଷାଭାବରୁ ତାହା ମରିଯାଇଛି । ଫଳରେ ବ୍ଲକର ଏହି ପଞ୍ଚାୟତ ତଥା ଆଖପାଖ ଅଞ୍ଚଳରେ ଭୟାବହ ମରୁଡି ଦେଖାଦେଇଛି। ଏଣୁ ଉଚିତ ତଦନ୍ତ କରିଏହି ଅଞ୍ଚଳକୁ ମରୁଡି ଘୋଷଣା କରା ନ ଗଲେ ଓ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ ନକଲେ ଆଗାମୀ ଦିନରେ ସମସ୍ତ ଚାଷୀ ରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି ।



ଲଣ୍ଡାପଥର ପଞ୍ଚାୟତକୁ ମରୁଡି ଘୋଷଣା ଦାବିରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ‘ସ୍ୱପ୍ନକୁ ସଫଳତାରେ ରୂପାନ୍ତରିତ କର’

ବଲାଙ୍ଗୀର ଅଫିସ, ୧୦।୧୧



ସିଏନ୍‌ସି କଲେଜ ଗ୍ରାଜୁଏସନ୍ ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥି, କଲେଜ ନିର୍ଦ୍ଦେଶକ।

**ସିଏନ୍‌ସି କଲେଜରେ ଗ୍ରାଜୁଏସନ୍ ଉତ୍ସବ**

ବଲାଙ୍ଗୀର ସିଏନ୍‌ସି କଲେଜରେ ବୁଧବାର ଗ୍ରାଜୁଏସନ୍ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସିଏନ୍‌ସି କଲେଜ ନିର୍ଦ୍ଦେଶକ ଆଶୁତୋଷ ପୁରୋହିତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପିଜି କାଉନସିଲ ଚେୟାରମ୍ୟାନ୍ ପ୍ରଫେସର ରବିଶଙ୍କର ପାଣ୍ଡିଆ ମୁଖ୍ୟଅତିଥି ଭାବେ ଯୋଗଦାନ କରି ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଗ୍ରାଜୁଏସନ୍ ପ୍ରମାଣପତ୍ର ପ୍ରଦାନ କରିଥିଲେ। ମୁଖ୍ୟଅତିଥି ପ୍ରଫେସର ପାଣ୍ଡିଆ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଶିକ୍ଷା ଜୀବନରେ ଗ୍ରାଜୁଏସନ୍ ଉତ୍ସବ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ। ଏହା ସଫଳତାର ଏକ ମାଇଲଖୁଣ୍ଟ। ଏଠାରେ ଶିକ୍ଷା ଜୀବନ ସରେନାହିଁ। ଛାତ୍ରୀଛାତ୍ରମାନେ ନିଜର ଭବିଷ୍ୟତକୁ ନେଇ ସ୍ୱପ୍ନ ଦେଖିବା ଉଚିତ୍। ଛାତ୍ର ସମୟରେ ସ୍ୱପ୍ନ ଦେଖିଲେ ଏହାକୁ ସାକାର କରିବାକୁ ସମୟ ମିଳେ। ଏଣୁ ସ୍ୱପ୍ନକୁ ସଫଳତାରେ ରୂପାନ୍ତରିତ କରିବାର ଏହା ସଠିକ୍ ସମୟ ବୋଲି ସେ କହିଥିଲେ।

କଲେଜ ଅଧକ୍ଷ ପ୍ରଦୀପ୍ତ ଦାଶ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ନିର୍ଦ୍ଦେଶକ ପ୍ରଦୀପ ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ ଯୁକ୍ତତିନି ବାଣିଜ୍ୟ ପରୀକ୍ଷାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ଷଷ୍ଠ ସ୍ଥାନ ଅକ୍ତିଆର କରିଥିବା ଏହି କଲେଜର କୃତୀ ଛାତ୍ରୀ ରିୟା ଅଗ୍ରୱାଲଙ୍କୁ ଉଭୟ ହେମଲତା ପଟ୍ଟନାୟକ ମେମୋରିଆଲ ସ୍କୋଲାରଶିପ୍ ଏବଂ ଡାଇରେକ୍ଟର୍ସ ସ୍କୋଲାରଶିପ୍ ପ୍ରମାଣପତ୍ର ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହି କଲେଜର ୨୪ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ଗ୍ରାଜୁଏସନ୍ ପ୍ରମାଣପତ୍ର ବଣ୍ଟନ କରି ଭବିଷ୍ୟତ ସଫଳତା କାମନା କରିଥିଲେ। ସଭାରେ କଲେଜ ଅଧାପିକା ମୃଗାକ୍ଷୀ ପୁରୋହିତ, ଭାବିକ୍ ଲାଲ, ସତ୍ୟବ୍ରତ ଆଚାର୍ଯ୍ୟ, ଆକାଂକ୍ଷିକା ତ୍ରିପାଠୀ ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI
ସମ୍ବଲପୁର, ଗୁରୁବାର, ୧୧ ନଭେମ୍ବର, ୨୦୨୧

**ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ**

ପଦ୍ମପୁର,(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ମହିଳା ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରୀମାନେ ବିଭିନ୍ନ ଦାବିନେଇ ଗତ ୯ ତାରିଖରେ କଲେଜ ଅଧକ୍ଷାଙ୍କ ପ୍ରକୋଷ୍ଠ ସମ୍ମୁଖରେ ଧାରଣା ଦେଇଥିଲେ। ବୁଧବାର ଉପଜିଲାପାଳ ତ୍ରିଲୋଚନ ପାତ୍ର ବରିଷ୍ଠ ଅଧାପକ ଓ ଅଧାପିକାଙ୍କ ସହିତ ଆଲୋଚନା ପରେ ଆସନ୍ତା ୨୫ତାରିଖ ସୁଦ୍ଧା ସମସ୍ୟା ସମାଧାନ ର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।



## ସଂକ୍ଷେପରେ

### ସ୍ୱାମୀ ହତ୍ୟା ଅଭିଯୋଗରେ ସ୍ତ୍ରୀ ଗିରଫ

ବୌଦ୍ଧ,୧୦।୧୧(ସ୍ୱ.ପ୍ର.): ସ୍ୱାମୀଙ୍କୁ ହତ୍ୟା କରିବା ଅଭିଯୋଗରେ କୁନୁ ମୁଖିଙ୍କୁ ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଗୁଣ୍ଡୁରିସାହି ( ମୁଖିବସ୍ତି)ଠାରେ ମଙ୍ଗଳବାର ସନ୍ଧ୍ୟାରେ ପାରିବାରିକ କଳହରୁ କୁନୁ ସ୍ୱାମୀ ତରଣୀସେନ ପ୍ରଧାନଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ପୁରୁଣାକଟକ ମେଡକାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁରୁଣାକଟକ ଥାନାରେ ଏକ ମାମଲା ରୁଜୁ ହୋଇଛି । ଫେରାର କୁନୁଙ୍କୁ ଆଡେଣିଗଡରୁ ପୋଲିସ ଗିରଫ କରିଛି।

### କଫ ସିରପ୍ ଜବତ, ୨ଗିରଫ

ବରଗଡ଼ ଅଫିସ୍,୧୦।୧୧: ବରଗଡ଼ ଜିଲା ସୋହେଲା ଥାନା ପୋଲିସ ଏକ କଫ ସିରପ୍ ବୋଝେଇ ମହିନ୍ଦ୍ରା ଜାଇଲୋ ଗାଡ଼ି(ନଂ-ଓଆର୧୭ଜି ୨୮୮୨)କୁ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ, ଝାରବନ୍ଧ ଥାନା ଅଡ଼ାପାଣି ଗ୍ରାମର ହେମନ୍ତ ହଂସ(୪୩) ଏବଂ ପଦ୍ମପୁର ୱାର୍ଡ଼ ନଂ-୮ ନିବାସୀ ଚିତ୍ତରଞ୍ଜନ ମେହେର(୪୩)। ସେମାନଙ୍କ ପାଖରୁ ବ୍ୟବହୃତ ଉପରୋକ୍ତ ଜାଇଲୋ ଗାଡ଼ି ସମେତ ୧୭୩୦ ବୋତଲ କଫ ସିରପ୍ ଜବତ ହୋଇଛି । ଏହା ସହିତ ୩ଟି ମୋବାଇଲ, ଗୋଟିଏ ଖଣ୍ଡା ଏବଂ ନଗଦ ୯୮୦ ଟଙ୍କା ଜବତ କରାଯାଇଥିବା ପୋଲିସ ସୂଚନା ଦେଇଛି।

### ମାଟ୍ରିକ ପରବର୍ତ୍ତୀ ଛାତ୍ର ବୃତ୍ତି ନେଇ ସଭା

ବାଉଁଶୁଣୀ,୧୦।୧୧(ଡି.ଏନ.ଏ.): ବୌଦ୍ଧ ବ୍ଲକ ବାଉଁଶୁଣି ମା' ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ ବୁଧବାର ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ସଂକ୍ରାନ୍ତରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଡିଏଏ/ଏନସିଡିଏଚଆର ଓଡ଼ିଶାର ଜିଲା ସଂଯୋଜକ ନନ୍ଦିନୀ ନାଏକ, ପୂର୍ବତନ ଛାତ୍ର ତଥା ସ୍ୱେଚ୍ଛାସେବୀ ଜୟରାମ ହରିପାଳ ,ମହାବିଦ୍ୟାଳୟର ଅଧକ୍ଷ ଅନିରୁଦ୍ଧ ମହାକୁଳ, କଲେଜର ପିଏମଏସ ସଂଯୋଜକ ଡ. ପ୍ରଶାନ୍ତ ମଲ୍ଲିକ ଏବଂ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ଆଗାମୀ ଦିନରେ ଛାତ୍ରୀଛାତ୍ରମାନେ କେମିତି ଠିକ ସମୟରେ ଛାତ୍ରବୃତ୍ତି ପାଇବେ, ପାଠ ପଢାରେ ଛାତ୍ରବୃତ୍ତି କେତେ ସହାୟକ ହେବ ଏବଂ ଏହି ବୃତ୍ତିରୁ ଛାତ୍ରୀଛାତ୍ର କେମିତି ବଞ୍ଚିତ ନ ହୁଅନ୍ତି ସେ ସଂପର୍କରେ ନାଏକ କହିଥିଲେ । ଶେଷରେ ଡ.ପ୍ରଶାନ୍ତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

### ଛାତ୍ରାବାସ ପ୍ରିମିୟର ଲିଗ ଉଦ୍‌ଘାଟିତ

ପଦ୍ମପୁର,୧୦।୧୧(ଡି.ଏନ.ଏ.): ବରଗଡ ଜିଲା ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ଛାତ୍ରାବାସର ୧୨ତମ ପ୍ରିମିୟର ଲିଗକୁ ଅଧକ୍ଷ ଡ.ଲଳିତେନ୍ଦୁ ନାୟକ ଉଦ୍‌ଘାଟନ କରିଛନ୍ତି। ଲିଗ ମ୍ୟାଚ ୧୩ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଛାତ୍ରାବାସ ଅଧିକ୍ଷକ ଡ.ବିରଞ୍ଚି ସାହୁ କହିଛନ୍ତି। ଉପ ଅଧୀକ୍ଷକ ଓମପ୍ରକାଶ ସତନାମୀ, ପଦାର୍ଥ ବିଜ୍ଞାନ ଅଧାପକ ସଦାନନ୍ଦ ଭୋଇ ଉଦ୍‌ଘାଟନୀ ମ୍ୟାଚରେ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚରେ ଗୋଲ୍ଡେନ ବେଟର୍ସ ଓ ଦ୍ୱିତୀୟ ମ୍ୟାଚରେ ପାଏରେଟର୍ସ ଇଲେଭେନ ବିଜୟୀ ହୋଇଥିଲେ।

# ରାସ୍ତାରେ ଗଦାକଲେ ଅମଳ ଧାନ

ବରଗଡ଼ ଅଫିସ୍,୧୦।୧୧


ବରଗଡ଼ ସହର ଉପକଣ୍ଠ କଳାପାଣି ଛକ ନିକଟ ରାସ୍ତା ଉପରେ ଜଣେ ଚାଷୀ ଅମଳ ଧାନକୁ ରଖିଛନ୍ତି।

ବରଗଡ଼ ଜିଲାରେ ଖରିଫ ଧାନ ଅମଳ ଆରମ୍ଭ ହୋଇଛି। ଜଳସେଚିତ ଅତାବିରା, ଭେଡ଼େନ, ବରଗଡ଼ ବ୍ଲକରେ ଗତ ସପ୍ତାହରୁ ଚାଷୀମାନେ ଧାନ ଅମଳ କାର୍ଯ୍ୟ ଆରମ୍ଭ କରିଛନ୍ତି। ଅପରପକ୍ଷରେ ଏଥର ଧାନ ସଂଗ୍ରହ ପ୍ରକ୍ରିୟାକୁ ଅନ୍ୟବର୍ଷ ତୁଳନାରେ ବିଳମ୍ବିତ କରାଯାଇଛି। ଅନ୍ୟବର୍ଷ ନଭେମ୍ବର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେଉଥିଲା। କିନ୍ତୁ ଏଥର ଚଳିତ ମାସ ଶେଷ ସପ୍ତାହ ଅର୍ଥାତ୍ ଆସନ୍ତା ୨୫ତାରିଖରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବାକୁ ପ୍ରଶାସନ ଜିଲା ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ନେଇଛି। ଏଭଳି ବିଳମ୍ବିତ ପ୍ରକ୍ରିୟା ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ନ ହେଉଣୁ ଚାଷୀଙ୍କ ପାଇଁ ଅଡୁଆ ସାଜିଛି। ମଣ୍ଡି ଖୋଲି ନଥିବା ଯୋଗୁ ଚାଷୀମାନେ ସେମାନଙ୍କ ଅମଳ ଧାନକୁ କ୍ଷେତ, ଖଳା କିମ୍ବା ରାସ୍ତା ଉପରେ ଗଦା କରିବା ଭଳି ଦୃଶ୍ୟ ପରିଲକ୍ଷିତ ହୋଇଛି। ଜିଲାର ବରଗଡ଼, ଭେଡ଼େନ, ଅତାବିରାର କେତେକାଞ୍ଚଳରେ ଏଭଳି ସ୍ଥିତି ଉପୁଜିଛି ।

**ମଣ୍ଡି ଖୋଲିବାକୁ ୧୫ଦିନ ବାକି**

ଚାଷୀମାନେ ସ୍ୱଳ୍ପ ମିଆଦୀ ଏବଂ ଦୀର୍ଘ ମିଆଦୀ ଭଳି ଦୁଇ କିସମର ଧାନଚାଷ କରିଥାନ୍ତି। ତେବେ ସ୍ୱଳ୍ପ ମିଆଦୀ ଧାନ ଅମଳକ୍ଷମ ହେବା ପରେ ଚାଷୀମାନେ ଅମଳ କରି ସାରିଛନ୍ତି। ଜିଲାର ଉଭୟ ଜଳସେଚିତ ଏବଂ ଅଣଜଳସେଚିତ ଅଞ୍ଚଳରେ ଏଭଳି ସ୍ୱଳ୍ପ ମିଆଦୀ କିସମ ଧାନ ଫସଲ ଅମଳ କାର୍ଯ୍ୟ ଜୋର୍ ଧରିଛି। ମାତ୍ର ମଣ୍ଡି ଖୋଲିବାକୁ ଆହୁରି ୧୫ଦିନ ବାକି ଥିବା ଯୋଗୁ ଚାଷୀମାନେ କେଉଁଠି ଧାନ ବିକିବେ ଏବଂ ସେତେଦିନ ଧରି ଧାନକୁ କେଉଁଠାରେ ସୁରକ୍ଷିତ ରଖିବେ ଚିନ୍ତାରେ ପଡ଼ିଛନ୍ତି। ବରଗଡ଼ ବ୍ଲକ କଳାପାଣି ଗ୍ରାମର ଚାଷୀ ସୁରେଶ୍ୱ ନେକାଣ୍ଟି କହିଛନ୍ତି, ସେ ଖରିଫରେ ୨୦ଏକର ଜମିରେ ଧାନ ଫସଲ କରିଛନ୍ତି। ୨ ଏକର ଜମିର ଧାନ ଅମଳ କରି ସାରିଲେଣି। କିନ୍ତୁ ମଣ୍ଡି ଖୋଲି ନଥିବା ଯୋଗୁ ତାକୁ ଖଳାରେ ରଖିଛନ୍ତି। ଦୁଇ, ଚାରିଦିନ ପରେ ବାକି ଜମିର ଧାନ ମଧ୍ୟ ଅମଳ ହେବ। ଏହାପରେ ଧାନ ସୁରକ୍ଷିତ ରଖିବାକୁ ସ୍ଥାନାଭାବ ଦେଖାଯିବ। ଫଳରେ ମଣ୍ଡି ଖୋଲି ନଥିଲେ ମଧ୍ୟ ଅମଳ ଧାନକୁ ଆସନ୍ତା ସୋମବାର କଳାପାଣି ମଣ୍ଡିକୁ ସେ ନେବେ ବୋଲି ନେକାଣ୍ଟି କହିଥିଲେ।

ସେହିପରି ବରଗଡ଼ର ଚାଷୀନେତା ଏକାଦଶିଆ ସାହୁ କହିଛନ୍ତି, ସେ ୧୦ ଏକର ଜମିର ଧାନ ଅମଳ ସରିଛି। ଅମଳ ଧାନକୁ ଖଳାରେ ସେ ଶୁଖାଇଛନ୍ତି। ଶୁକ୍ରବାର ସୁଦ୍ଧା ଧାନ ଶୁଖିଯିବ। ତେବେ ଧାନ ଶୁଖିବା ପରେ ମଣ୍ଡିରେ ତାହା ବିକିବାକୁ ସେ ଚିନ୍ତା କରିଥିଲେ। କିନ୍ତୁ ଆସନ୍ତା ୨୫ତାରିଖ ମଣ୍ଡି ଖୋଲିବ ବୋଲି ବିଭାଗୀୟ ଅଧିକାରୀମାନେ କହୁଛନ୍ତି। ମଣ୍ଡି ନ ଖୋଲିଲେ ଅମଳ ଧାନକୁ ରାସ୍ତା ଉପରେ ଗଦା କରିବାକୁ ସେ ବାଧ୍ୟ ହେବେ ବୋଲି ସାହୁ କହିଛନ୍ତି। ଏ ନେଇ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶଙ୍କୁ ତାଙ୍କ ମୋବାଇଲ ନମ୍ବର ୯୪୩୭୮୮୭୦୦୪ରେ ଯୋଗାଯୋଗ କରାଯାଇଥିଲା। ମାତ୍ର ସେ ଫୋନ ରିସିଭ୍ ନ କରିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ ।

### ୧ କୁଇଣ୍ଟାଲ ଗଞ୍ଜେଇ ଜବତ: ଜଣେ ଗିରଫ

ବୌଦ୍ଧ,୧୦।୧୧(ସ୍ୱ.ପ୍ର.)

ଚୋରା ଗଞ୍ଜେଇ ଚାଲାଣ ହେଉଥିବା ବେଳେ ବୌଦ୍ଧ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଗଞ୍ଜେଇ ଜବତ ହେବା ସହ ଜିତେନ୍ଦ୍ର ପୋଢଙ୍କୁ ଗିରଫ କରାଯାଇଛି । ମିଳିଥିବା ସୂଚନା ମୁତାବକ, ବୁଧବାର ସକାଳୁ ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରାଜପଥ ଜହ୍ନାପଙ୍କ ଆଡୁ ଏକ ଗାଡିରେ ଗଞ୍ଜେଇ ବୋଝେଇ ହୋଇ ବୌଦ୍ଧ ଆଡକୁ ଆସୁଥିଲା । ଖବର ପାଇ ଅବକାରୀ କର୍ମଚାରୀମାନେ ଜାତୀୟ ରାଜପଥର ସରଣ୍ଡା ଛକଠାରେ ଗାଡିକୁ ଅଟକାଇ ସେଥିରୁ ୧ କୁଇଣ୍ଟାଲ ୩୨ କେଜି ଗଞ୍ଜେଇ ଜବତ କରିଥିଲେ । ଏହି ଘଟଣାରେ ଗାଡିରେ ଥିବା ଅନୁଗୋଳ ଜିଲା ବଇଣ୍ଡା ଗ୍ରାମର ଜିତେନ୍ଦ୍ର (୨୪)ଙ୍କୁ ଗିରଫ କରିଥିଲେ । ଏନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଜିତେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢାଉରେ ଅବକାରୀ ଇନ୍ସପେକ୍ଟର ସାଗରିକା ପ୍ରଧାନ, ସବ୍ ଇନ୍ସପେକ୍ଟର ରମେଶ ଚନ୍ଦ୍ର ମହାନ୍ତି ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ଫସଲ ନଷ୍ଟ, ଉପଜିଲାପାଳଙ୍କୁ ଫେରାଦ

ପଦ୍ମପୁର,୧୦।୧୧(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳରେ ଚଳିତ ବର୍ଷ କମ୍ ବୃଷ୍ଟିପାତ ଯୋଗୁଁ ମରୁଡ଼ି ପରିସ୍ଥିତି ଦେଖା ଦେଇଛି। ଜଗଦଲପୁର ପଞ୍ଚାୟତରେ ଜଳ ସେଚନର କୌଣସି ସୁବିଧା ନ ଥିବାରୁ ଅଘୋଷିତ ମରୁଡି ହୋଇଛି। ଅଞ୍ଚଳରେ ମୁଖ୍ୟତଃ ମାଳ ଓ ଆଟବେର୍ଣ୍ଣା ଚାଷଜମି ରହିଛି। ସଳ୍ପ ବୃଷ୍ଟିପାତରେ ଶୀଘ୍ର ନଷ୍ଟ ହୋଇଯାଏ। ଗୋପବନ୍ଧୁ ସାହୁଙ୍କ ନେତୃତ୍ୱରେ ପଞ୍ଚାୟତର ଚାଷୀମାନେ ପଦ୍ମପୁର ଉପଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜଗଦଲପୁର ପଞ୍ଚାୟତ ଚାଷୀ ସଂଗଠନ ସଭାପତି ଶଙ୍କର ସିଂ, ସମ୍ପାଦକ ଅମୋଦ ପଟେଲ, କୋଷାଧକ୍ଷ ବୀରେଶ ସାହୁ, ଛନ୍ଦାଚରଣ ପଟେଲ, ଶଙ୍କର୍ଷଣ ପ୍ରଧାନ, ସୁରେଶ ସାହୁ, କ୍ଷୀରସାଗର ବିଶ୍ୱାଳ, ବାଲ୍ମୀକି ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ୯ ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନୀତ


ବ୍ଲକସ୍ତରୀୟ ସୁରଭିରେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଅମରପାଲି,୧୦।୧୧(ଡି.ଏନ.ଏ)

**ବୀରମହାରାଜପୁରରେ ବ୍ଲକସ୍ତରୀୟ ସୁରଭି-୨୧**

- ଅଂଶଗ୍ରହଣ କଲେ ୧୪୪ ଛାତ୍ରୀଛାତ୍ର

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ଟାଙ୍ଗରସାହି ୟୁପି ସ୍କୁଲରେ ବ୍ଲକସ୍ତରୀୟ ସୁରଭି-୨୦୨୧ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଆରସିସି ଚମ୍ପେଶ୍ୱର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏବିଇଓ ବାର୍ଣ୍ଣା ଡୁଙ୍ଗଡୁଙ୍ଗ, ଲକ୍ଷ୍ମଣ ରଥ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକର ୧୬ଟି କ୍ଲଷ୍ଟରରୁ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ପ୍ରାୟ ୧୪୪ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ରଚନା ଲିଖନ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ବକ୍ତୃତାରେ ବୀରମହାରାଜପୁର ସରକାରୀ ବାଳିକା ହାଇସ୍କୁଲର ବିଶ୍ୱରୂପା ସାହୁ, ଚିତ୍ରାଙ୍କନରେ କେନ୍ଦୁପାଲି ୟୁଜିଏଚଏସର ସୋନୁ ମେହେର ଏବଂ ସୁବଳୟା ହାଇସ୍କୁଲର ଜମୁନା ମେହେର ରଚନା ଲିଖନ, ସନ୍ଧ୍ୟାରାଣୀ ବଣ୍ଡକି ସଙ୍ଗୀତ ଏବଂ ଦଳଗତ ନୃତ୍ୟରେ ସୁବଳୟା ହାଇସ୍କୁଲ ପ୍ରଥମ ସ୍ଥାନ ଅଧିକାର କରି ମୋଟ ୯ ଜଣ ଛାତ୍ରୀଛାତ୍ର ଜିଲାସ୍ତରୀୟ ସୁରଭିରେ ଅଂଶ ଗ୍ରହଣ ପାଇଁ ଚୟନ ହୋଇଛନ୍ତି। କୃତି ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ସିଆରସିସି ଅକ୍ଷୟ ରାଏ ଓ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ବର୍ଗତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫାଇନାଲରେ ସମ୍ବଲପୁର ଚାମ୍ପିୟନ

ବାଉଁଶୁଣୀ,୧୦।୧୧(ଡି.ଏନ.ଏ)



ମୁଖ୍ୟଅତିଥିଙ୍କ ସହ ବିଜୟୀ ଦଳ।

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ବୁରକଟା ଗଦବସା ପଡ଼ିଆରେ ସୋମବାରଠାରୁ ଚାଲିଥିବା ୧୨ତମ ମା' ମାହେଶ୍ୱରୀ ଜିଲାସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଫାଇନାଲ ଖେଳ ସହ ଉଦ୍‌ଯାପିତ ହୋଇଯାଇଛି। ବୁଧବାର ଫୁଲବାଣୀ ଓ ସମ୍ବଲପୁର ମଧ୍ୟରେ ତିନି ଫର୍ମାଟରେ ଫାଇନାଲ ଖେଳା ଯାଇଥିଲା। ପ୍ରଥମ ଫର୍ମାଟରେ ଫୁଲବାଣୀ ଦଳ ୧୦ ଓଭରରେ ୮ ଉଇକେଟ ହରାଇ ୭୦ରନ କରିଥିଲେ। ଜବାବରେ ସମ୍ବଲପୁର ଦଳ ୭ ଓଭରରେ ୨ ଉଇକେଟ ହରାଇ ୭୪ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ଫର୍ମାଟରେ ଫୁଲବାଣୀ ଦଳ ୮ ଓଭରରେ ୫ ଉଇକେଟ ହରାଇ ୫୯ ରନ କରିଥିଲେ। ଜବାବରେ ସମ୍ବଲପୁର ୩ ଓଭରରେ ୫ ଉଇକେଟ ହରାଇ ୬୪ ରନ କରି ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ସମ୍ବଲପୁର ଦଳ ପକ୍ଷରୁ ସଞ୍ଜୟ ୨ ଇନିଂସରେ ଯଥାକ୍ରମେ ୪୦ ଓ ୩୯ ରନ କରିଥିଲେ। ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଆଜିର ଖେଳକୁ ସଲୀଳ ପ୍ରଧାନ ଓ ସ୍ୱାଧୀନ ପ୍ରଧାନ ପରିଚାଳନା କରିଥିବା ବେଳେ ଅବନି ବାରିକ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଧାରା ବିବରଣୀ ଶମ୍ଭୁ ବାରିକ ଓ ସୁଶାନ୍ତ ଭୋଇ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସହକାରୀ କୃଷି ଅଧିକାରୀ ନାରାୟଣ ମିଶ୍ର, ସମ୍ମାନିତ ଅତିଥି ଭାବେ ସ୍ୱେଚ୍ଛାସେବୀ ପ୍ରଫୁଲ୍ଲ ଚନ୍ଦ୍ର ଜେନା, ଈଶ୍ୱର ପ୍ରଧାନ ଯୋଗଦେଇ ଉପ ବିଜେତା ଦଳକୁ ଟ୍ରଫି ସହ ୮ ହଜାର ଟଙ୍କା ଓ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୨ ହଜାର ଟଙ୍କା ପୁରସ୍କୃତ କରିଥିଲେ। ଏହି କ୍ରିକେଟ ପ୍ରତିଯୋଗିତାରେ ସମୁଦାୟ ୮ ଟି ଦଳ ଅଂଶ ଗ୍ରହଣ କରିଥିଲେ। ମା' ମାହେଶ୍ୱରୀ କ୍ରିକେଟ ଆସୋସିଏଶନ ବୁରକଟା ଆନୁକୂଲ୍ୟରେ ତିନି ବ୍ୟାପି ଚାଲିଥିବା କ୍ରିକେଟ ପ୍ରତିଯୋଗିତାରେ ପୁଷ୍ପରାଜ ପ୍ରଧାନ, ସମୀର ପ୍ରଧାନ, ସୁଶାନ୍ତ ପ୍ରଧାନ, ସଚ୍ଚି କର୍ମୀ, କୈଳାସ ଅମାତ, ଅଜିତ ପ୍ରଧାନ, ପ୍ରୀତମ ପ୍ରଧାନ, ଜ୍ଞାନ ପ୍ରଧାନ, ମହେଶ ଅମାତ, ଦୁଷ୍ମନ୍ତ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

### ଗର୍ଜିଲେ ଚିଟ୍‌ଫଣ୍ଡ ଜମାକାରୀ

ପଦ୍ମପୁର ୧୦।୧୧(ଡି.ଏନ.ଏ.)

ଚିଟ୍‌ଫଣ୍ଡଗୁଡିକ ଲୋକଙ୍କୁ ପ୍ରଲୋଭନ ଦେଖାଇ ଟଙ୍କା ଠକିନେଇଛନ୍ତି। ଜମାକାରୀ ସରକାରଙ୍କ ଦୃଷ୍ଟି ଆକର୍ଷଣ କଲେ ସୁଦ୍ଧା ପ୍ରତାରିତ କରାଯାଉଛି। ଏହାର ପ୍ରତିବାଦ କରି ଜମାକାରୀ। ବୁଧବାର ପଦ୍ମପୁର ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗଣସତ୍ୟାଗ୍ରହ କରିଥିଲେ। ମିଳିତ ମଞ୍ଚ ତରଫରୁ ରାଜ୍ୟ ସଭାପତି ଜୟନ୍ତ ଦାସ, ସମ୍ପାଦକ ମଧୁସମୁଦନ ବିଶ୍ୱାଳ, ଯୁଗ୍ମ ଆବାହିକା ଅନୁରାଧା ସୁବୁଦ୍ଧି, ଚାଷୀନେତା ରମେଶ ମହାପାତ୍ର, ସୁଧାଂଶୁ ବେହେରା, ଗୌରୀଶଙ୍କର ସାହୁ, ସୁଶାନ୍ତ ମହାପାତ୍ର ପ୍ରମୁଖ ଚିଟଫଣ୍ଡ ଓ ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତି ବିରୋଧରେ ବିଷୋଦ୍‌ଗାର କରିଥିଲେ। ସମସ୍ତ ଜମାକାରୀଙ୍କ ଟଙ୍କା ଫେରସ୍ତ ନ ହେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ଦଫା ସମ୍ବଳିତ ଦାବି ପତ୍ର ଉପ ଜିଲାପାଳକୁ ପ୍ରଦାନ କରାଯାଇଥିଲା।

## ସେମିରେ ସମ୍ବଲପୁର, ସୁବର୍ଣ୍ଣପୁର

ବରଗଡ଼ ଅଫିସ୍,୧୦।୧୧


ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ।

ବରଗଡ଼ ବ୍ଲକ ଖୁଣ୍ଟପାଲି ଖେଳ ପଡ଼ିଆରେ ଚାଲିଥିବା ବାଲୁଙ୍କେଶ୍ୱର ଫୁଟବଲ ପ୍ରତିଯୋଗିତାର ଷଷ୍ଠ ଦିବସ ବୁଧବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ସମ୍ବଲପୁର ପ୍ରତିପକ୍ଷ ସୋହେଲାକୁ ୧–୦ ଗୋଲରେ ହରାଇ ସେମି ଫାଇନାଲକୁ ଉନ୍ନୀତ ହୋଇଛି। ସେହିପରି ସୁବର୍ଣ୍ଣପୁର ଓ ହୀରାକୁଦ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ସୁବର୍ଣ୍ଣପୁର ୪–୦ ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ବେଲାଲସେନ ମେହେର, କିଶୋର ମିଶ୍ର ପ୍ରମୁଖ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କମଳ ତାଣ୍ଡି, ସୁଜିତ ମହାନ୍ତି, ଦିବାକର ମାଝି, ଖଗେଶ୍ୱର ଦେହେରୀ, ପ୍ରମୋଦ ସାହୁ, ସାହେବ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଫୁଲ୍ଲ ବେହେରା, ରିଙ୍କୁ ସାହୁ, ଆନନ୍ଦ ଭୋଇ, ଆର୍ତ୍ତତ୍ରାଣ ସେଠ, ରିଙ୍କୁନ ଭୋଇ, ରିଙ୍କୁ ଯୋଶୀ ଖେଳ ପରିଚାଳନା କରିଥିଲେ । ଶିବାନନ୍ଦ ଦାଶ, ଦିପେଶ ପ୍ରଧାନ, ନିରଞ୍ଜନ ମହାକୁଡ଼, ଶୁଭମ ପାତ୍ର, ଅନୀଲ ବାଗ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

### ଶ୍ରୀକ୍ଷେତ୍ର ପୁରୀକୁ ତୁଳସୀ ରଥଯାତ୍ରା ପାଇ ପ୍ରସ୍ତୁତି

ସୋନପୁର,୧୦।୧୧(ନି.ପ୍ର.)

ସୁବର୍ଣ୍ଣପୁର ଶ୍ରୀଜଗନ୍ନାଥ ସଂସ୍କୃତି କମିଟି ପକ୍ଷରୁ ଆସନ୍ତା ୧୫ତାରିଖ ଶ୍ରୀକ୍ଷେତ୍ର ପୁରୀ ଶ୍ରୀ ଜଗନ୍ନାଥଙ୍କ ନାଗାର୍ଜୁନ ବେଶ ପାଇଁ ଫୁଲ ଓ ତୁଳସୀ(ପଦ୍ମଫୁଲ ଓ ଗେଣ୍ଡୁଫୁଲ) ଲାଗି ହେବା ପାଇଁ ତୁଳସୀ ରଥ ଯାତ୍ରା ଅନୁଷ୍ଠିତ ହେବ। ଏହି ରଥ ଆସନ୍ତା ୧୩ ତାରିଖ ସକାଳେ ପାତାଳି ଶ୍ରୀକ୍ଷେତ୍ରରୁ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିବ। ବିନିକା ଜଗନ୍ନାଥ ମନ୍ଦିର, ବିଶିମୁଣ୍ଡା ବାବା ମଠ, ସୋନପୁର ଜଗନ୍ନାଥ ମନ୍ଦିର, ବୌଦ୍ଧ, ନୟାଗଡ ଓ ଖୋର୍ଦ୍ଧା ସହରରୁ ତୁଳସୀ ଓ ଫୁଲ ସଂଗ୍ରହ କରି ପୁରୀରେ ପହଞ୍ଚିବ। ଏଥିପାଇଁ କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ରରେ ଗଦାଧର ବାରିକଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରଶେଖର ଓତା, ବ୍ୟାସଦେବ ମିଶ୍ର, ପୂର୍ଣ୍ଣଚନ୍ଦ୍ର ପାଢୀ, ଦାମୋଦର ମେହେର, ଜାନକିରାମ ଦେହେରୀ, ପର୍ଶୁରାମ ବାରିକ, ମନୋରଞ୍ଜନ ପାଢୀ, ଭଗବାନ ଷଡଙ୍ଗୀ, ନଳିନୀକାନ୍ତ ବାଘ ପ୍ରମୁଖ ଉପସ୍ଥିତ ଥିଲେ।

## ଜଗନ୍ନାଥ କ୍ରିକେଟ: ସେମିରେ କାନପୁର

ଅମରପାଲି,୧୦।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇ ଖେଳ ପଡିଆରେ ଶ୍ରୀଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଛି। ସରପଞ୍ଚ ସତ୍ୟାନନ୍ଦ ମେଣ୍ଡିଲି, ପୂର୍ବତନ ଜିଲା ପରିଷଦ ସଭ୍ୟ ଉତ୍ତର ପାତ୍ର ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ କୋଟସମଲାଇ ଓ ଗୋଘାଟ ମଧ୍ୟରେ ହୋଇଥିଲା। କୋଟସମଲାଇ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪୮ ରନ କରିଥିଲା। ଜବାବରେ ଗୋଘାଟ ଦଳ ଅବଶ୍ୟକ ରନକୁ ୮ଓଭରରେ ୭ ଉଇକେଟରେ ସଂଗ୍ରହ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚରେ ଖଣ୍ଡହତା ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ହରାଇ ୭୬ରନ କରିଥିଲା। କାନପୁର ଦଳ ଆବଶ୍ୟକ ୭୭ରନକୁ ୬ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ପ୍ରଥମ କ୍ୱାର୍ଟର ଫାଇନାଲରେ ଗୋଘାଟ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ହରାଇ ୩୬ ରନ କରିଥିଲା। ଜବାବରେ କାନପୁର ଦଳ ୫ ଓଭରରେ ୪ ଉଇକେଟ ହରାଇ ୩୭ ରନ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି।


ଶ୍ରୀଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ଆସନ ସଂରକ୍ଷଣ, ୱାର୍ଡ ବିଭକ୍ତୀକରଣ ତାଲିକା ପ୍ରକାଶ

ବରଗଡ଼ ଅଫିସ୍,୧୦।୧୧

**ବରଗଡ଼ ପୌର ପରିଷଦ**

ପୌର ନିର୍ବାଚନ ସକାଶେ ଆସନ ସଂରକ୍ଷଣ ତାଲିକା ପ୍ରକାଶିତ ହୋଇଛି। ବରଗଡ ଜିଲାପାଳଙ୍କ କାର୍ଯ୍ୟାଳୟରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ ପୌର ବରଗଡ଼ ପୌର ପରିଷଦ ପାଇଁ ପରିଷଦ ଅଧୀନ ସମସ୍ତ ୧୯ଟି ୱାର୍ଡ଼ର ପ୍ରସ୍ତାବିତ ଆସନ ସଂରକ୍ଷଣ ତାଲିକା ପ୍ରକାଶିତ ହୋଇଛି। ୱାର୍ଡ ନଂ–୧ ପଛୁଆବର୍ଗ ମହିଳା, ୱାର୍ଡ ନଂ–୨ ଅନୁସୂଚିତ ଜାତି ମହିଳା, ୱାର୍ଡ ନଂ–୩ ଅଣସଂରକ୍ଷିତ, ୱାର୍ଡ଼ ନଂ–୪ ପଛୁଆବର୍ଗ, ୱାର୍ଡ଼ ନଂ–୫ ପଛୁଆବର୍ଗ, ୱାର୍ଡ଼ ନଂ–୬ ଅଣସଂରକ୍ଷିତ, ୱାର୍ଡ଼ ନଂ–୭ ପଛୁଆବର୍ଗ ମହିଳା, ୱାର୍ଡ଼ ନଂ–୮ ଅଣସଂରକ୍ଷିତ, ୱାର୍ଡ଼ ନଂ–୯ ଅନୁସୂଚିତ ଜାତି ମହିଳା, ୱାର୍ଡ଼ ନଂ–୧୦ ଅଣସଂରକ୍ଷିତଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ସେହିପରି ୱାର୍ଡ଼ ନଂ–୧୧ ଅଣସଂରକ୍ଷିତ, ୱାର୍ଡ଼ ନଂ–୧୨ ମହିଳା, ୱାର୍ଡ଼ ନଂ–୧୩ ପଛୁଆବର୍ଗ ମହିଳା, ୱାର୍ଡ଼ ନଂ–୧୪ ମହିଳା, ୱାର୍ଡ଼ ନଂ–୧୫ ଅଣସଂରକ୍ଷିତ, ୱାର୍ଡ଼ ନଂ–୧୬ ମହିଳା, ୱାର୍ଡ଼ ନଂ–୧୭ ମହିଳା, ୱାର୍ଡ଼ ନଂ–୧୮ ଅନୁସୂଚିତ ଜାତି ଏବଂ ୱାର୍ଡ଼ ନଂ–୧୯ ଅନୁସୂଚିତ ଜନଜାତିଙ୍କ ପାଇଁ ରହିଛି ।

ଏହାସହିତ ପୌର ପରିଷଦର ୱାର୍ଡ଼ ବିଭକ୍ତୀକରଣ କରାଯାଇଛି। ରାଣାପ୍ରତାପ ହାଇସ୍କୁଲ ପଡ଼ା, ଟାଙ୍ଗରପଡ଼ା, ଭୁର୍ଷୁନବନ୍ଧ ପଡ଼ା, ନଦୀଖଣ୍ଡି ପଡ଼ା, ମାରୱାଡ଼ି ପଡ଼ା, ଭଟଲି ରୋଡ୍ ୱାର୍ଡ଼ ନଂ–୧ରେ ରହିଥିବା ବେଳେ ଧନପତିଦାଶ ପଡ଼ା, ବେହେରାଟିକ୍ରା, ନିଳିବନ୍ଧ ପଡ଼ା, କୁଲିପଡ଼ା, ତଲିପଡ଼ା, ବାଲିଟିକ୍ରା, କୁମ୍ଭାରପଡ଼ା, ପିଏଚଡ଼ି ପଡ଼ା, ସମଲେଶ୍ୱରୀ ମନ୍ଦିର ପଡ଼ା ୱାର୍ଡ଼ ନଂ–୨ରେ ରହିଛି। ସେହିପରି କମଳ ଟକିଜ ପଡ଼ା, ସୁଲିଆପଦରରୁ ପ୍ରଧାନ ହାଉସ, ତଳି ଦାଶପଡ଼ା, ମହାଦେବ ମନ୍ଦିର ପଡ଼ା, କଲେଜ ପଡ଼ା, କଟକିଆପଡ଼ା, ହାଟପଦା ୱାର୍ଡ଼ ନଂ–୩, ନାଏକପଡ଼ା, ଉପର ଦାଶପଡ଼ା, ଭଏଁନା ପଡ଼ା, ଲକ୍ଷ୍ମୀ ମନ୍ଦିର, ଗୁଡ଼ିଆ ଦାନୀପଡ଼ା, ରାମଜୀ ମନ୍ଦିର ପଡ଼ା, ସମଲେଶ୍ୱରୀ ମନ୍ଦିର, ତଳିପଡ଼ା, ଗୁଡ଼ାଖୁ ଗଳି, ଚକ୍ରବର୍ତ୍ତୀ ପଡ଼ା ୱାର୍ଡ଼ ନଂ–୪, ସହରାପଡ଼ା, ହିନ୍ଦୀ ଗାର୍ଲସ ହାଇସ୍କୁଲ, ଘସିଆପଡ଼ା, ବିଞ୍ଝାଲ ପଡ଼ା ୱାର୍ଡ଼ ନଂ–୫, ମାରୱାଡ଼ି ପଡ଼ା, ଧର୍ମଶାଳା ପଡ଼ା, ହସ୍ପିଟାଲ ପଡ଼ା, ଜୟ ରଘୁନାଥ ଦାସ ହାଉସ ପଡ଼ା, ନାଏକପଡ଼ା ରୋଡ୍‌ରୁ ଖରୁଆ ମନ୍ଦିର, ସରକାରୀ ବାଳିକା ହାଇସ୍କୁଲ, ଡାକଘର, ମାର୍କେଟ୍, ମ୍ୟୁନିସିପାଲ ଗାର୍ଲସ ହାଇସ୍କୁଲରୁ ପିଏଚ୍‌ଡି ଅଫିସ, ହରିଜନପଡ଼ାର ଏକ ପାର୍ଶ୍ୱ ୱାର୍ଡ଼ ନଂ–୬, ବିଶିପଡ଼ା, ବିଭାର ପଡ଼ା, ହରିଜନ ପଡ଼ା, ପଠାନ ପଡ଼ା, ଢ଼ିପା ପଡ଼ା, ନୂଆପଡ଼ା, ଖଜୁରଟିକ୍ରା, ତଳପଡ଼ା ୱାର୍ଡ଼ ନଂ–୭, ଖଜୁରଟିକ୍ରାର ଗଙ୍ଗା ପଡ଼ା ହାଉସଠାରୁ ନଳିଆପଡ଼ା ୱାର୍ଡ଼ ନଂ–୮, ବାନ୍ଧୁଟିକ୍ରା, ଘୁଲିପାଲି, କେନାଲ କଲୋନୀ ୱାର୍ଡ଼ ନଂ–୯, ଥାନାଛକରୁ ଗାନ୍ଧିଛକ, ଗାନ୍ଧିଛକରୁ ବାନ୍ଧୁଟିକ୍ରା, ପିଡବ୍ଲୁଡି କଲୋନୀ, ବ୍ଲକ କଲୋନୀ, ଶିବାନନ୍ଦ ନଗର, ରାଣୀବନ୍ଧ ପଡ଼ା ୱାର୍ଡ଼ ନଂ–୧୦ରେ ରହିଛି।

ସହିପରି ଗୌରପଡ଼ା, ମହାନ୍ତି ପଡ଼ା, କଚେରୀ ପରିସର, ବସ୍‌ଷ୍ଟାଣ୍ଡ, ଶକ୍ତି ନଗର, ବାଞ୍ଜି ଝୁମ୍ପୁଡ଼ି, ଗୋରୁ ମାର୍କେଟ୍ ନଟ କଲୋନୀ, ନୂଆପଡ଼ା, ମଙ୍ଗଳା ଝୁମ୍ପୁଡ଼ି ୱାର୍ଡ଼ ନଂ–୧୧, ପନିକାପଡ଼ା, ଟିକନୁସାହୁ ପଡ଼ା, ଆରଏସିଏମଏସ ସ' ମିଲ, କଟକିଆପଡ଼ା, ହରିଜନପଡ଼ା, ଟିଏଫ କଲେଜ ୱାର୍ଡ଼ ନଂ–୧୨, ରଙ୍ଗଘର ପଡ଼ା, କଲେଜ ରୋଡ୍, ମହାନ୍ତିପଡ଼ା, ପନିକା ପଡ଼ା, ଯଦୁମଣି ଘର ପଡ଼ା, ଶର୍ମା ମାଷ୍ଟର ପଡ଼ା ୱାର୍ଡ଼ ନଂ–୧୩, ଗଙ୍ଗାଧର ନଗର, ପ୍ରୀତମ ସିଂ ହାଉସ୍, ଗୋରୁ ମାର୍କେଟ୍, ମାଷ୍ଟର ଟିକ୍ରା, ସୁବାଷ ନଗର, ଚମାରପଡ଼ା ୱାର୍ଡ଼ ନଂ–୧୪, ଗୋବିନ୍ଦପାଲି, ମିଶ୍ର ଟିକ୍ରା, ଖମାରୀଟିକ୍ରା ୱାର୍ଡ଼ ନଂ–୧୫, ବ୍ରହ୍ମଚାରୀ, ଗଣପତି ହୋଟେଲ ୱାର୍ଡ଼ ନଂ–୧୬, ଅମ୍ବାପାଲି ୱାର୍ଡ଼ ନଂ–୧୭, ରୋଟାରୀ ସ୍କୁଲ ପଛପଟ, ଘୁଲିପାଲି ଗାୟତ୍ରୀ ନଗର, ବାନ୍ଧୁଟିକ୍ରା ନଳିଆ ପାର୍ଶ୍ୱ ଅଂଶ ୱାର୍ଡ଼ ନଂ–୧୮ ଏବଂ ରେଳଷ୍ଟେଶନ, ଟିଟିଲାଗଡ଼ିଆ ଝୁମ୍ପୁଡ଼ି, ମାଲଗୋଦାମ, ଗଣପତି ହୋଟେଲ ପଛପଟ, ରେଳଷ୍ଟେଶନ କଲୋନୀ, ମାଷ୍ଟରଟିକ୍ରା, ବ୍ରହ୍ମବିହାର ୱାର୍ଡ଼ ନଂ–୧୯ରେ ରହିଥିବା ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

### ବୁଣାକାର ସଚେତନତା ଶିବିର

ବରଗଡ଼ ଅଫିସ୍,୧୦।୧୧

ସମ୍ବଲପୁରୀ ବସ୍ତ୍ରାଳୟ ତରଫରୁ ବରଗଡ଼ ଜିଲା ସୋହେଲା ବ୍ଲକ ଗୋଠ ଗ୍ରାମରେ ବୁଧବାର ବୁଣାକାର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବସ୍ତ୍ରାଳୟର ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ପ୍ରଧାନ ମୁଖ୍ୟଅତିଥି, ବାଣିଜ୍ୟ ଅଧିକାରୀ ହେମନ୍ତ କୁମାର ମିଶ୍ର, ବୟନ ନିରୀକ୍ଷକ ବୈଷ୍ଣବ ଦାଶ, ସୁପରଭାଇଜର ଦୀନବନ୍ଧୁ ନାୟକ, ଜାତୀୟ ହସ୍ତତନ୍ତ ଉନ୍ନୟନ ନିଗମର ଆସିଷ୍ଟାଣ୍ଟ ମ୍ୟାନେଜର ନୀଳମାଧବ ପାତ୍ର, ସମିତିସଭ୍ୟ ଅରୁଣ କୁମାର ଗଡ଼ତିଆ ଅନ୍ୟତମ ଅତିଥିଭାବେ ମଞ୍ଚାସୀନ ଥିଲେ। ଶିବିରରେ କେନ୍ଦ୍ର, ରାଜ୍ୟ ସରକାର ବୁଣାକାରଙ୍କ ହିତ ପାଇଁ କରିଥିବା ବିଭିନ୍ନ ଯୋଜନା ଉପରେ ସୂଚନା ଦିଆଯାଇଥିଲା। ଶେଷରେ ଶାଖା ପରିଚାଳକ ଜୟକିଶୋର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଲୁହାରଡ୍ ଚୋରି ଘଟଣାରେ ଯୁବକ ଗିରଫ

ନୂଆପଡା ଅଫିସ/ଖଡିଆଳ,(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନଂ.୭ର ସୁମିତ ବଛା (୨୮)ଙ୍କୁ ଖଡିଆଳ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସୂଚନା ଯେ, ସୁମିତ ଖଡିଆଳ ପୁରୁଣା ବସଷ୍ଟାଣ୍ଡରେ ଥିବା ଅଟୋ ଗ୍ୟାରେଜ ପାଖରୁ ବିଭିନ୍ନ ଲୁହାରଡ୍, ଗାଡିରେ ଲାଗିଥିବା ମ୍ୟୁଜିକ ସିଷ୍ଟମ ଚୋରି କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୪୨୭/୨୧) ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରହିଥିଲା।

# ମଦଭାଟି ଖୋଲିବାକୁ ବିରୋଧ

### ଜିଲାପାଳ, ଅବକାରୀ ଅଧୀକ୍ଷକଙ୍କୁ ଦାବିପତ୍ର ଦେଲେ ଗ୍ରାମବାସୀ

ବଲାଙ୍ଗୀର ଅଫିସ, ୧୦।୧୧

ବଲାଙ୍ଗୀର ସଦର ବ୍ଲକ ଶିକାଛିଡାରେ ପ୍ରସ୍ତାବିତ ମଦଭାଟି ଖୋଲିବାକୁ ବିରୋଧ କରି ବୁଧବାର ଗ୍ରାମର ବହୁ ମହିଳା ଓ ପୁରୁଷ ଜିଲାପାଳ ଏବଂ ଅବକାରୀ ବିଭାଗ ଅଧୀକ୍ଷକଙ୍କୁ ଭେଟିଥିଲେ। ଶିକାଛିଡା-ସିନ୍ଖମନ୍ ରାସ୍ତାର ଶିକାଛିଡା ଗ୍ରାମର ଅଳ୍ପ ଦୂର ରାସ୍ତାକଡରେ ଏକ ମଦଭାଟି ଖୋଲିବାକୁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତି ଅନୁସାରେ ସିନ୍ଖମନ ମଦଭାଟି ମାଲିକ ଶିକାଛିଡା ଗ୍ରାମ ନିକଟରେ ଏକ ସବ୍ ମଦଭାଟି ଖୋଲିଥିଲେ। ଏହାକୁ ଶିକାଛିଡା ଗ୍ରାମବାସୀ ବିରୋଧ କରିବାରୁ ଏହା ଖୋଲାଯାଇ ପାରି ନ ଥିଲା। ସେତେବେଳେ ଗ୍ରାମବାସୀ ଜିଲାପାଳ ଓ ଅବକାରୀ ଅଧିକ୍ଷକଙ୍କଠାରେ ଅଭିଯୋଗ କରିଥିଲେ। ଲୋକଙ୍କ ବିରୋଧକୁ ଦେଖି ସେଠାରେ ପ୍ରସ୍ତାବିତ ମଦଭାଟି ନ ଖୋଲିବାକୁ ପ୍ରଶାସନ ତରଫରୁ ମଦଭାଟି ଲାଇସେନ୍ସ ପାଇଥିବା ମାଲିକଙ୍କୁ କୁହାଯାଇଥିଲା। ଫଳରେ ସେଠାରେ ମଦଭାଟି ତିଆରି ହୋଇଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। ତେବେ ଉକ୍ତ ମଦଭାଟିରେ ସେହି ଦିନରୁ ବେଆଇନ ଭାବେ ମଦ ବିକ୍ରି ଚାଲିଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି। ଶିକାଛିଡା-ସିନ୍ଖମନ ମୁଖ୍ୟରାସ୍ତାରେ ଏହି ମଦଭାଟି ରହିଥିବାରୁ ଏବଂ ଏହି ରାସ୍ତାରେ ଲୋକେ ଯିବା ଆସିବା ସମୟରେ ମଦୁଆଙ୍କ ହାବୁଡରେ ପଡୁଥିବାରୁ ଏଠାର ଅନେକ ସମୟରେ ଅପ୍ରୀତିକର ଅବସ୍ଥା ସୃଷ୍ଟି ହେଉଛି। ଗାଁ ନିକଟରେ ଏହା ରହିଥିବାରୁ ମହିଳାମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସିନଖମନ ହାଇସ୍କୁଲକୁ ଯାଉଥିବା ଛାତ୍ରୀଛାତ୍ରମାନେ ମଦୁଆଙ୍କ ପ୍ରାଦୁର୍ଭାବ ଯୋଗୁଁ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଏଣୁ ତୁରନ୍ତ ଉକ୍ତ ମଦଭାଟିକୁ ସବୁଦିନ ପାଇଁ ବନ୍ଦ କରିବା ଏବଂ ବେଆଇନ ମଦବିକ୍ରି କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଜିଲାପାଳ କାର୍ଯ୍ୟାଳୟରେ ଦାବିପତ୍ର ଦେବା ପରେ ଗ୍ରାମବାସୀମାନେ ଅବକାରୀ ଅଧିକ୍ଷକଙ୍କ ଅଫିସକୁ ଯାଇ ସେଠାରେ ଦାବିପତ୍ର ଦେବା ସହ ଏହି ମଦଭାଟିକୁ ସବୁଦିନ ପାଇଁ ଉକ୍ତ ସ୍ଥାନରୁ ସ୍ଥାନାନ୍ତରଣ ନକଲେ ଆଗକୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ଲୋକେ ବାଧ୍ୟହେବେ ବୋଲି ଚେତାବନୀ ଦେଇଥିଲେ। ଏଦିଗରେ ତଦନ୍ତ କରାଯାଇ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ଅବକାରୀ ଅଧିକ୍ଷକ ନାରାୟଣ ମେହେର ସୂଚନା ଦେଇଥିଲେ।


ଶିକାଛିଡା ଗ୍ରାମବାସୀ ଅବକାରୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ଚାଷୀ ସଂଗଠିତ ହେବାକୁ ଆହ୍ୱାନ

ଖପ୍ରାଖୋଲ,୧୦।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହସିଂହା ପଞ୍ଚାୟତ ଜୁରିଆ ସୁଆର କୃଷି ଫାର୍ମ ପରିସରରେ ହରିଶଙ୍କର ଫାର୍ମର ପ୍ରଡ୍ୟୁସ କମ୍ପାନୀର ବାର୍ଷିକ ଅଧିବେଶନ ବୁଧବାର ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଅଭୟ ତ୍ରିପାଠୀ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ନାବାର୍ଡ଼ ବଲାଙ୍ଗୀର ଏଜିଏମ ଲକ୍ଷ୍ମଣ ସାଏ, ସମ୍ମାନୀତ ଅତିଥି ଦେବଦତ୍ତ କ୍ଲବ ସମ୍ପାଦକ କାହ୍ନୁଚରଣ ମାଝୀ, ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ପଟୁଆରୀ ନାଏକ ପ୍ରମୁଖ ଯୋଗଦେଇଥିଲେ। କୃଷି ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ପାଇବା ପାଇଁ ଚାଷୀମାନେ ସଂଘଠିତ ହେବାକୁ ଆହ୍ୱାନ ଦିଆଯାଇଥିଲା। ବୈଠକରେ ନିର୍ଦ୍ଦେଶକ କନ୍ଦର୍ପ ସୁଆର, ଉମାକାନ୍ତ ପଧାନ, ଜୟନ୍ତପାଲ ମେହେର, ରାଜ କିଶୋର ମେହେର, ରାଜକୁମାର ବାରିହା, କୁନୁ ବାରିହାଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

### ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ

ତୁଣ୍ଡଲା,୧୦।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର କସ୍ତପଡା, ନୂନମାଠ, ତୁର୍ଲାଖମନ, ତୁଣ୍ଡଲା, ବେଲଖଣ୍ଡି, ର୍ସିଜାପାଲି, ହାତୀଖୋଜ ପଞ୍ଚାୟତରେ ବୁଧବାର ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଛି। କେସିଙ୍ଗା ବିଡିଓ ପ୍ରଫୁଲ୍ଲ କୁମାର ଅଦ୍ଦୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଠା ଜଳସେଚନ ବିଭାଗ ଅଧକ୍ଷ ଅମରେଶ ପତ୍ରିଙ୍କ ଉପସ୍ଥିତିରେ କାର୍ଡ ବଣ୍ଟନ କରାଯାଇଛି। ଏଥିରେ ସବୁ ପଞ୍ଚାୟତ ରେ ପିଇଓ, ସରପଞ୍ଚ, ୱାର୍ଡମେମ୍ବର, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ଓ ଶିକ୍ଷକଶିକ୍ଷୟିତ୍ରୀମାନେ ଯୋଗଦେଇ କୋଭିଡ୍ ନିୟମ ଅନୁସାରେ କାର୍ଡ ବଣ୍ଟନ କରିଥିଲେ।

### ଅଗ୍ନିଶମ ବିଭାଗ ପକ୍ଷରୁ ମକଡ୍ରିଲ କାର୍ଯ୍ୟକ୍ରମ

କର୍ଲାମୁଣ୍ଡା,୧୦।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଗ୍ନିଶମ ବିଭାଗ ପକ୍ଷରୁ ରେଗଡାସ୍ଥିତ ଆଦର୍ଶ ବିଦ୍ୟାଳୟଠାରେ ବୁଧବାର ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରମାନଙ୍କୁ ଜରୁରୀକାଳୀନ ମୁକାବିଲା ଓ ଅଗ୍ନି ନିର୍ବାପକ କିପରି ସହଜରେ କରାଯାଇ ପାରିବ ସେ ଉପରେ ବିଭିନ୍ନ କୌଶଳ ସବୁ ଶିଖାଇଥିଲେ। ଏଥିରେ ଅଗ୍ନିଶମ ବିଭାଗ ଅଫିସର ଇନ୍‌ଚାର୍ଜ ଜଗଦୀଶ ମେହେର, ହାବିଲଦାର ପ୍ରଣବ କୁମାର ନାଏକ, ରାଜେଶ ପ୍ରଧାନ ଶଙ୍କର ଭୋଇ, ମଣିଲାଲ ବନଛୋର, ପଞ୍ଚାନନ ବାଗ, ପ୍ରଶାନ୍ତ ପଧାନ ପ୍ରମୁଖ ଯୋଗଦେଇ ଥିବା ବେଳେ ଆଦର୍ଶ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

### ୨ ପଞ୍ଚାୟତରେ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ

ବୋଡେନ,୧୦।୧୧(ଡି.ଏନ.ଏ.): ନୂଆପଡା ଜିଲା ବୋଡେନ ବ୍ଲକରି ସୁନାପୁର ଓ ପଲସଦା ୨ଟି ପଞ୍ଚାୟତରେ ବୁଧବାର ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମିର ରଞ୍ଜନ ଦାସଙ୍କ ଦ୍ୱାରା ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଛି। ଏହି କାର୍ଡ ମାଧ୍ୟମରେ ମହିଳାମାନଙ୍କ ପାଇଁ ୧୦ ଲକ୍ଷ ଓ ପୁରୁଷମାନଙ୍କ ପାଇଁ ୫ ଲକ୍ଷର ମାଗଣାରେ ଚିକିତ୍ସା ସୁବିଧା ମିଳିବ ବୋଲି ମନ୍ତ୍ରୀ କହିଥିଲେ। ବୋଡେନ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇଙ୍କ ତତ୍ତ୍ୱାବଧାନରେ ବ୍ଲକ ଅଧକ୍ଷା ପ୍ରେମଶିଳା ନାଗ, ଜିଲା ପରିଷଦ ସଭ୍ୟ ଲମ୍ବୋଦର ନିଆଲ ଓ ସରପଞ୍ଚ ଜାନକି ଦଳ ପ୍ରମୁଖ ଉପସ୍ଥିତ ଥିଲେ। ବୁଡାପରାଠାରେ ପଲସଦା ସରପଞ୍ଚ କୃଷ୍ଣଚନ୍ଦ୍ର ବେହେରାଙ୍କ ପରିଚାଳନାରେ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବୋଡେନ ବ୍ଲକ କର୍ମଚାରୀ ତଥା ଶିକ୍ଷକମାନେ ସହଯୋଗ କରିଥିଲେ।

## ବନ୍ଧିଆ ଜଙ୍ଗଲରୁ ବୃଦ୍ଧଙ୍କ ମୃତଦେହ ଜବତ

ନୂଆପଡା ଅଫିସ/ଖଡିଆଳ, ୧୦।୧୧(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ଥାନା ବାଦି ପଞ୍ଚାୟତ ପଦ୍ମପୁର ନିକଟସ୍ଥ ବନ୍ଧିଆ ଜଙ୍ଗଲରୁ ବୁଧବାର ଖଡିଆଳ ପୋଲିସ ଏକ ମୃତଦେହ ଜତବ କରିଛି। ସୂଚନା ଯେ, ଖଡିଆଳ ଥାନା ପଦ୍ମପୁର ଗ୍ରାମର ଜଗନ୍ନାଥ ପଟେଲ (୬୫) ମଙ୍ଗଳବାର ସକାଳୁ ନିଜ ଚାଷ ଜମିକୁ ଯାଇ ଘରକୁ ଫେରି ନ ଥିଲେ। ଘରକୁ ଆସିବା ବିଳମ୍ବ ହେବାରୁ ପରିବାର ଲୋକେ ବହୁତ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ଖବର ନ ମିଳିବାରୁ ଖଡିଆଳ ଥାନାରେ ଏକ ଅଭିଯୋଗ କରିଥିଲେ। ବୁଧବାର ସକାଳୁ ପୁଣି ଗ୍ରାମବାସୀ ଓ ପରିବାର ଲୋକେ ଖୋଜାଖୋଜି କରିବାରୁ ଗ୍ରାମ ନିକଟ ବନ୍ଧିଆ ଡଙ୍ଗରରୁ ଜଗନ୍ନାଥଙ୍କ ମୃତଦେହ ଠାବ କରି ଖଡିଆଳ ପୋଲିସକୁ ଜଣାଇଥିଲେ। ଘଟଣାସ୍ଥଳରେ ଖଡିଆଳ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୪୨୯/୨୧) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## ଗିରିଗୋବର୍ଦ୍ଧନ ମହୋତ୍ସବ ଉଦ୍‌ଯାପିତ

ଲୋଇସିଂହା,୧୦।୧୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଗଲାପାଲି ନିକଟ ଖେକେର୍ଲି ଡୁଙ୍ଗରୀରେ ଚାଲିଥିବା ୪ର୍ଥ ଗିରିଗୋବର୍ଦ୍ଧନ ମହୋତ୍ସବ ମଙ୍ଗଳବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ଗତ ୫ ତାରିଖଠାରୁ ମହୋତ୍ସବ ଆରମ୍ଭ ହୋଇଥିଲା। ମହୋତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ କଂସ ଦରବାର ଅନୁଷ୍ଠିତ ହୋଇଥିଲା। କୃତୀ ଏବଂ ଅଂଶଗ୍ରହଣ କରିଥିବା କଳାକାରଙ୍କୁ ମହୋତ୍ସବ କମିଟି ପକ୍ଷରୁ ସମ୍ମାନୀତ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ସ୍ଥାନୀୟ ବିଧାୟକ ମୁକେଶ ମହାଲିଙ୍ଗ ଭିଡିଓ କଲ ଜରିଆରେ ଦର୍ଶକଙ୍କୁ ତାଙ୍କ ବାର୍ତ୍ତା ପ୍ରଦାନ କରିଥିଲେ। ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଯୁବନେତା ଆକାଶ ମିଶ୍ର, ବୁଢ଼ୀପଦର ସମିତି ସଭ୍ୟ ପ୍ରଶାନ୍ତ ତ୍ରିପାଠୀ ଅତିଥି ଭାବେ ଯୋଗଦେଇଥିଲେ।

## ଟିଟିଲାଗଡ଼ ବ୍ଲକ: ମରୁଡ଼ି ଘୋଷଣା ଦାବିରେ ଚାଷୀ ସମାବେଶ



ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭରତ ଚାଷୀ।

ଟିଟିଲାଗଡ଼, ୧୦।୧୧ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକକୁ ମରୁଡି ଘୋଷଣା ସହ ସହାୟତା ଦାବିରେ ବୁଧବାର ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମାଞ୍ଚଳରୁ ଶତାଧିକ ଚାଷୀ ରାସ୍ତାକୁ ଓହ୍ଲାଇଛନ୍ତି। କୃଷକ ସଂଘର୍ଷ ଅଭିଯାନ, ଟିଟିଲାଗଡ, ଜୟ କିଷାନ ଆନ୍ଦୋଳନ ବଲାଙ୍ଗୀର ଓ ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତିଙ୍କ ନେତୃତ୍ୱରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ଏକ ଶୋଭାଯାତ୍ରାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ନେତୃବୃନ୍ଦ କ୍ରପ କଟିଙ୍ଗ ପ୍ରହସନ ବନ୍ଦ କରି ଚାଷୀଙ୍କୁ ତୁରନ୍ତ ମରୁଡି ସହାୟତା ଘୋଷଣା, ବୀମା ସହାୟତା, ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ସୁନିଶ୍ଚିତ କରିବା ଆଦି ଦାବି କରିଥିଲେ। ପରେ ଉପଜିଲାପାଳଙ୍କ ଜରିଆରେ ଚାରି ଦଫା ସମ୍ବଳିତ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। କୃଷକ ସଂଘର୍ଷ ଅଭିଯାନ ଟିଟିଲାଗଡ ଆବାହକ ବାଲକୃଷ୍ଣ ଷାଣ୍ଡ, ନିୟମଗିରି ସୁରକ୍ଷା ସମିତିର ରାଜକିଶୋର, ଟେଙ୍ଗନା ଛତର, କୃଷ୍ଣଚନ୍ଦ୍ର ଛତର, ଶ୍ରୀପତି ଛତର, ବିଷ୍ଣୁ ଛତର, ବୈବସ୍ୱତ ସାହୁ, କିଶୋର ସାହୁ, ତ୍ରିଲୋଚନ ସାହୁ, ଫଟୁ ମହାନନ୍ଦ, ମୋହନ ବାଗ, ଖମ୍ଭେଶ୍ୱର ଛତର, ବେଣୁ ଜାନୀ, କୃଷ୍ଣଚନ୍ଦ୍ର ସାହୁ, ଫକିର ସାହୁ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ

କର୍ଲାମୁଣ୍ଡା/ବେହେରା/କେସିଙ୍ଗା/ କୋକସରା,୧୦।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲାର ବିଭିନ୍ନ ବ୍ଲକରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଛି। ଏହି ଅବସରରେ କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ହାଇସ୍କୁଲ ପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରେମାନନ୍ଦ ନାଏକ ଓ କୃଷି ଓ କୃଷକ ସଶକ୍ତିକରଣ ଉପଦେଷ୍ଟା କୃତିବାସ ପାତ୍ର ଯୋଗଦେଇ ହିତାଧିକାରୀମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଥିଲେ। ଏଥିରେ ରିଞ୍ଜା, ତେରେସିଂହା, ସ.ମାଲପଡା ପଞ୍ଚାୟତ ହିତାଧିକାରୀମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଶୁଭାରମ୍ଭ କରିଥିବା ବେଳେ ଯୋରାଡବରା, ସାପଲହରା ଓ ବୋରପଦର ପଞ୍ଚାୟତରେ ମଧ କାର୍ଡ ବଣ୍ଟନ କରାଯାଇଥିଲା। ସାପଲହରା ପଞ୍ଚାୟତ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଭୂପିନ୍ଦର ସିଂ ଯୋଗଦେଇଥିଲେ। ବିଭିନ୍ନ ପଞ୍ଚାୟତରେ କାର୍ଡ ବଣ୍ଟନରେ ବିଡିଓ, ତହସିଲଦାର, ସରପଞ୍ଚ ଓ ବିଜେଡି ନେତାମାନେ ଉପସ୍ଥିତ ଥିଲେ। ସୁରକ୍ଷା ଦୃଷ୍ଟିରୁ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲା। ଧର୍ମଗଡ ବ୍ଲକ ତେଣ୍ଡାପାଲି ପଞ୍ଚାୟତରେ ଅୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷୁଧି ବାଗ ଯୋଗଦେଇ ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ବଣ୍ଟନ କରିଥିଲେ। ତହସିଲଦାର ହରେକୃଷ୍ଣ ବରିହା, ବ୍ଲକ ଅଧ୍ୟକ୍ଷ ବଳରାମ ପୂଝାରୀ, ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ପିଇଓ ଗୌରାଙ୍ଗ ନାଗ ମଞ୍ଚ ପରିଚାଳନା କରିଥିଲେ। ଉକ୍ତ ପଞ୍ଚାୟତର ୨୭ଜଣ ହିତାଧିକାରୀଙ୍କୁ ବିଜୁ ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଥିଲା। କେସିଙ୍ଗା ସହର ଜଗନ୍ନାଥ ମନ୍ଦିର ପଡିଆରେ ମନ୍ତ୍ରୀ ଅରୁଣ ସାହୁ, ଉଠାଜଳସେଚନ ଅଧକ୍ଷ ଅମରେଶ ପତ୍ରି, ବିଡିଓ ପ୍ରଫୁଲ କୁମାର ଅଦ୍ଦୁ, ବ୍ଲକ ଚେୟାରମ୍ୟାନ ସୁକାନ୍ତି ବେହେରାଙ୍କ ଉପସ୍ଥିତରେ ବ୍ଲକର ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଛି। ସେହିପରି କେସିଙ୍ଗା ଏନଏସି ପକ୍ଷରୁ ବିଦ୍ୟାପୀଠ ଖେଳ ପଡ଼ିଆରେ କେନ୍ଦ୍ରାପଡା ବିଧାୟକ ଦେବାଶିଷ ମଲ୍ଲିକ, ଅତିରିକ୍ତ ତହସିଲଦାର ପରୁଦ୍ର ମୋହନ ନାୟକ, ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ସମେତ ଅନ୍ୟ କର୍ମଚାରୀଙ୍କ ଉପସ୍ଥିତରେ ସ୍ମାର୍ଟ କାର୍ଡ ବଣ୍ଟନ କରିଥିଲେ। କୋକସରା ବ୍ଲକ ବଡପୋଡଗୁଡାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ କମିଶନର ବିନାୟକ କୁମାର ଟୋପୋ ଯୋଗଦେଇ କାର୍ଡ ବଣ୍ଟନ କରିଥିଲେ। ଅନ୍ୟଅତିଥିମାନଙ୍କ ମଧ୍ୟରେ କୋକସରା ବିଡିଓ, ତହସିଲଦାର, ଜିପିଓ, ସରପଞ୍ଚ, ନୋଡାଲ ଅଫିସର ପ୍ରମୁଖ ଯୋଗଦେଇଥିଲେ। ପଞ୍ଚାୟତର ୫୦ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା। ସେହିପରି ବ୍ଲକର ଅମପାଣି, କାଉଡୋଲା, ବରାଡଙ୍ଗୀ, ଲଜୁଗାଁ, କନ୍ଦାବୁଟ୍ରା ଆଦି ପଞ୍ଚାୟତଠାରେ ମଧ ହିତାଧିକାରୀମାନଙ୍କୁ କାର୍ଡବଣ୍ଟନ କରାଯାଇଛି।


ଜଣେ ମହିଳାଙ୍କୁ କାର୍ଡ ପ୍ରଦାନ କରାଯାଉଛି।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ

ଜୁନାଗଡ,୧୦।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ହିଞ୍ଜିଲିବାହାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ଶିଶୁ ମେହୋତ୍ସବ (ସୁରଭି) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ସରୋଜ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ସେନାପତି, ସମ୍ମାନିତ ଅତିଥି ଭାବେ ବିଆରସିସି କୁଳମଣି ମାଝି ଓ ଏବିଇଓ ଦୁର୍ଗେ ମେହେର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ, ଗୀତ ରଚନା, ଚିତ୍ରାଙ୍କନ, ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସିଆରସିସି ଗୋଦାବରୀଶ ପଣ୍ଡା ପରିଚାଳାନା କରିଥିବା ବେଳେ ସମସ୍ତ ସିଆରସିସି ଓ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ଶିକ୍ଷକ ପ୍ରେମଲାଲ ବାଗ ଧନ୍ୟବାଦ ଦେଇଥିଲେ।



ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

## ଫୁଟ୍‌ବଲ: ମାକରଚୁଆ ଦଳ ବିଜୟୀ


ଅତିଥିଙ୍କ ଗହଣରେ ଖେଳାଳିମାନେ।

କର୍ଲାମୁଣ୍ଡା,୧୦।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୁଟିଗାଁସ୍ଥିତ ଚିନାବାଡି ପଡିଆଠାରେ କର୍ଲାମୁଣ୍ଡା ଫୁଟବଲ ଟିମ୍ ପକ୍ଷରୁ କର୍ଲାମୁଣ୍ଡା କପ୍ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ରଜାପଡା ଓ ମାକରଚୁଆ ମଧ୍ୟରେ ମ୍ୟାଚ୍ ହୋଇଥିଲା। ନିର୍ଦ୍ଧାରିତ ସମୟରେ କେହି କାହାକୁ ଗୋଲ ଦେଇ ନ ପାରିବାରୁ ପେନାଲ୍‌ଟିରେ ବଲାଙ୍ଗୀର(ମାକରଚୁଆ) ବିଜୟୀ ହୋଇଥିଲା। ଖେଳ ପରିଚାଳନାରେ ରେଫରି ଭାବେ ଲଳିତ ସାହୁ, ଲଳିତ ଦାସ, ବିନୋଦ ହେର୍ଣ୍ଣା ରହିଥିବା ବେଳେ ସଭାପତି ନନ୍ଦି କିଶୋର ଭୋଇ, ଉପସଭାପତି ତାପସ ଭୋଇ, ସମ୍ପାଦକ ଡୋଳାମଣି ଭୋଇ, ଆୟୋଜନ ଦାୟିତ୍ୱ ନେଇଛନ୍ତି। ଧାରାବିବରଣୀ ଭରତ ଷଡଙ୍ଗୀ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଭାଜପା ନେତା ଶ୍ରୀକାନ୍ତ ହୋତା, ଜିଲା ପରିଷଦ ସଭ୍ୟା ପ୍ରଭାତୀ ଭୋଇ, ପୁଷ୍ପକାନ୍ତି କୁମାର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଗୁରୁବାର ମହିପୁର ଓ ବଗାଡ ମଧ୍ୟରେ ମ୍ୟାଚ୍‌ହେବବୋଲି ଟୁର୍ନାମେଣ୍ଟ ମେନେଜର ଦୁର୍ଲ୍ଲଭ ମେହେର ସୂଚନା ଦେଇଛନ୍ତି।

## ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ

ବୋଡେନ,୧୦।୧୧(ଡି.ଏନ.ଏ.)

ନୂଆପଡା ଜିଲା ବୋଡେନ ବ୍ଲକର ସ୍ଥାନୀୟ ସାପ୍ତାହିକ ବଜାର ପ୍ରାଙ୍ଗଣଠାରେ ବୁଧବାର ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଜିଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡ. ବସନ୍ତ କୁମାର ଧଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଯୁକ୍ତ ୩ ଡିଗ୍ରୀ କଲେଜ ଅଧ୍ୟାପକ ଡ. କିଶୋର କୁମାର କର୍ଣ୍ଣ, ଗୋ ସେବା ପ୍ରମୁଖ କାଳିଆକୃଷ୍ଣ ବାଗ, ସମିତି ସଭ୍ୟ ସୌଦାଗର ସାହୁ, ଯୁକ୍ତ ୨ କଲେଜ ଅବସରପ୍ରାପ୍ତ ଅଧ୍ୟାପକ ଅଶ୍ୱିନୀ କୁମାର ପଣ୍ଡା, ଡ. ସୁକୁରାମ ମୁଣ୍ଡା ଏସଡିଭିଓ, ଚିତ୍ତରଞ୍ଜନ ପୃସେଠ ଏଡିଭିଓ, ବୋଡେନ ବିଡିଓ ଶୋଭାସିଷ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ଗୋ ସେବାର ମହାନ ନୀତି ସମ୍ପର୍କରେ ବୁଝାଇଥିଲେ। ଗୋ ସମ୍ବର୍ଦ୍ଧନା ଉତ୍ସବରେ ୨୫ଟି ଗାଈ ଓ ୨୦ଟି ବାଛୁରି ପ୍ରଦର୍ଶିତ କରାଯାଇଥିଲା। ଲର୍କା ଏଲଆଇ କଳ୍ପନା ମଙ୍ଗରାଜ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ନୂଆପଡା, ଖଡିଆଳ, କୋମନା, ସିନାପାଲି, ବୋଡେନ ବ୍ଲକର ସମସ୍ତ ଏଲଆଇମାନେ ସହଯୋଗ କରିଥିଲେ। ବୋଡେନ ବିଭିଓ ଶୋଭାସିଷ ମିଶ୍ର ଧନ୍ୟବାଦ ଦେଇଥିଲେ।

# କେନାଲ ପାଣି ଯୋଗାଇବା ଦାବି: ୬ ଘଣ୍ଟା ଚାଷୀଙ୍କ ରାସ୍ତାରୋକୋ


ଗୁନଗୁନିଆଠାରେ ଚାଷୀମାନେ ରାସ୍ତାରୋକୋ କରିଛନ୍ତି।

ଭବାନୀପାଟଣା,୧୦।୧୧(ସ୍ୱ.ପ୍ର.)

ବର୍ଷା ଅଭାବରୁ ଚଳିତବର୍ଷ ଇନ୍ଦ୍ରାବତୀ ଜଳଭଣ୍ଡାର ଜଳଧାରଣା କ୍ଷମତା ହ୍ରାସ ପାଇଛି। ଫଳରେ ଆସନ୍ତା ରବି (ଡାଲୁଅ) ଚାଷ ସମୟରେ ଇନ୍ଦ୍ରାବତୀ ବାମ କେନାଲ ମଙ୍ଗଳପୁର ବ୍ୟାରେଜଠାରୁ ମାତ୍ର ୭ କି.ମି. ପର୍ଯ୍ୟନ୍ତ ପାଣି ଦିଆଯିବ ବୋଲି ବିଭାଗୀୟ ଅଧିକାରୀ ଆଗତୁରା ସୂଚନା ଦେଇଥିଲେ। ଯାହାକୁ ବିରୋଧ କରି ଜୟପାଟଣା ବ୍ଲକ ଗୁନଗୁନିଆ ଡ୍ରିଷ୍ଟିବୁଟାରୀ ଅଞ୍ଚଳର ଚାଷୀମାନେ ମଙ୍ଗଳପୁର ବ୍ୟାରେଜରୁ ୨୫ କି.ମି. ପର୍ଯ୍ୟନ୍ତ ଜଳସେଚନ ଯୋଗାଇବା ପାଇଁ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଯଦି ଏହାର ସମାଧାନ କରା ନ ଗଲେ ରାସ୍ତାରୋକୋ କରିବା ପାଇଁ ସ୍ଥାନୀୟ ଚାଷୀମାନେ ଚେତାବନୀ ଦେଇଥିଲେ। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ନ ଥିବାରୁ ବୁଧବାର ସକାଳ ୭ଟାରୁ ଜୟପାଟଣା ବ୍ଲକ ଗୁନଗୁନିଆଠାରେ ସ୍ଥାନୀୟ ଚାଷୀମାନେ ରାସ୍ତାରୋକୋ କରିଥିଲେ। ଖବର ପାଇ ଦିନ ୧ଟାରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କଳାକାର ବାଗ ଓ ଜୟପାଟଣା ଅତିରିକ୍ତ ତହସିଲଦାର ଟୁକୁନୁ ପୁଟା ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ଗୁନଗୁନିଆ ଡ୍ରିଷ୍ଟିବୁଟାରୀ ପର୍ଯ୍ୟନ୍ତ ଜଳ ଯୋଗାଣ କରାଯିବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ୬ ଘଣ୍ଟା ଧରି ରାସ୍ତାରୋକୋ ଯୋଗୁ ଜୟପାଟଣା-ମୋଟେର ମଧ୍ୟରେ ଯାତାୟାତ ଠପ୍ ହୋଇଥିଲା। ଫଳରେ ଶତାଧିକ ଯାନବାହାନ ଚଳାଚଳ କରିନପାରି ରାସ୍ତାରେ କଡରେ ଅଟକି ରହିଥିଲା। ରାସ୍ତରୋକୋରେ ସ୍ଥାନୀୟ ଚାଷୀ କୁଞ୍ଜ ବିହାରୀ ମୁଣ୍ଡ, ସୁଦିପ୍ତ ପଣ୍ଡା, ସୁବ୍ରତ କୁମାର ବେହେରା, ଶେଷଦେବ ପଣ୍ଡା, ମହାଦେବ ବେହେରା, ସନ୍ତୋଷ ରଣା, ଭୁବନେଶ୍ୱର ମାଝି, ହରିହର ନାଏକ, ଆକାଶ ନାଗ ପ୍ରମୁଖ ଚାଷୀ ନେତୃତ୍ୱ ନେଇଥିଲେ।

Government of Odisha
No. B-584
"e" Procurement Notice
GOVT. OF ODISHA
Bid Identification No. PWDK-12/2021-22
e-mail: eepwdkeonjhar@yahoo.com
No. G2/7381 Dt.06.11.2021

| | | |
|---|---|---|
| 1. | No. of the Work | : 07 Nos. Building Works |
| 2. | Estimated Cost | : From Rs.41.41 to Rs.42.97 lakhs |
| 3. | Period of Completion | : 6 (Six) Calendar Months |
| 4. | Date and time of availability of Bid document in the portal | : From 10.00 hr. 15.11.2021 to 17.00 hr. of 24.11.2021 |
| 5. | Last date/time for receipt of bids in the portal | : 17.00 hr. of 24.11.2021 |
| 6. | Date of Opening of Bid from Portal | : 11.30 hrs. of 25.11.2021 |
| 7. | Name and address of the Officer Inviting Bid | : Superintending Engineer, Keonjhar (R&B) Division, Keonjhar |

Further details can be seen from the e-procurement portal "http://tendersodisha.gov.in".

Sd./- S.K. Behera
Superintending Engineer
Keonjhar (R&B) Division
OIPR-34004/11/0007/2122

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୧ ନଭେମ୍ବର, ୨୦୨୧



**ଲୁହାରଡ୍ ଚୋରି ଘଟଣାରେ ଯୁବକ ଗିରଫ**

ନୂଆପଡା ଅଫିସ/ଖଡିଆଳ,(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନଂ.୭ର ସୁମିତ ବଛା (୨୮)ଙ୍କୁ ଖଡିଆଳ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସୂଚନା ଯେ, ସୁମିତ ଖଡିଆଳ ପୁରୁଣା ବସଷ୍ଟାଣ୍ଡରେ ଥିବା ଅଟୋ ଗ୍ୟାରେଜ ପାଖରୁ ବିଭିନ୍ନ ଲୁହାରଡ୍, ଗାଡିରେ ଲାଗିଥିବା ମ୍ୟୁଜିକ ସିଷ୍ଟମ ଚୋରି କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୪୨୭/୨୧) ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରହିଥିଲା।

# ଭିନ୍ନକ୍ଷମଙ୍କ ପାଇଁ ଟେଲି ଥଇଥାନ ସେବା ଉଦ୍‌ଘାଟିତ

ସୋନପୁର,୧୦।୧୧(ନି.ପ୍ର.)

ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ସୁଲୋଚନା ଦାଶଙ୍କ ଦ୍ୱାରା ସୋନପୁରଠାରେ ଭିନ୍ନକ୍ଷମଙ୍କ ପାଇଁ ଟେଲି ଥଇଥାନ ସେବା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଭିନ୍ନକ୍ଷମ ଆୟୁକ୍ତ ଦାଶ ଏହା ଭିନ୍ନକ୍ଷମଙ୍କ ପାଇଁ ଏକ ଭିନ୍ନ ପ୍ରୟାସ ତଥା ଏକ ନିଆରା କାର୍ଯ୍ୟକ୍ରମ ବୋଲି କହିଥିଲେ। ମାତାପିତାମାନେ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଅଧିକ ଜାଣି ନିୟମିତ ଉପଯୋଗ କଲେ ଭିନ୍ନକ୍ଷମ ବ୍ୟକ୍ତିମାନେ ଉପକୃତ ହୋଇପାରିବେ ବୋଲି ସେ ମତପ୍ରକାଶ କରିଥିଲେ। ଭିନ୍ନକ୍ଷମମାନେ ସେମାନଙ୍କ ଅଧିକାର କ୍ଷୁର୍ଣ୍ଣ ହେଲେ ସ୍ୱେଚ୍ଛାସେବୀ ସଂଗଠନର ସହାୟତା କିମ୍ବା ସିଧାସଳଖ ଆୟୋଗ ସହ ଯୋଗାଯୋଗ କରିବାକୁ କହିଥିଲେ। ଏହି ଅବସରରେ ଭିନ୍ନକ୍ଷମ ଆୟୁକ୍ତଙ୍କ ଦ୍ୱାରା ୧୭ ଜଣ ମାନସିକ ଏବଂ ବୌଦ୍ଧିକ ଭିନ୍ନକ୍ଷମଙ୍କୁ ସ୍ମାର୍ଟଫୋନ ପ୍ରଦାନ କରାଯାଇଥିଲା। ସେହିପରି ଗତ ଦଶମ ଶ୍ରେଣୀରେ କୃତିତ୍ୱ ହାସଲ କରିଥିବା ପୂଜା ରାଉତ, ସୋମନାଥ ଦାଶ ଓ ଫିଲିପ ନାଗଙ୍କୁ ଆୟୁକ୍ତଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ରେଆରର ପ୍ରତିଷ୍ଠାତା ଗୌରୀଶ୍ୟାମ ପଣ୍ଡା ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ସାମାଜିକ ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ ଏହି କାର୍ଯ୍ୟକ୍ରମ ଦ୍ୱାରା ଭିନ୍ନକ୍ଷମ ଶିଶୁଙ୍କ ଥଇଥାନ ପ୍ରକ୍ରିୟା ତ୍ୱରାନ୍ୱିତ କରିବ ବୋଲି କହିଥିଲେ। ଭିନ୍ନକ୍ଷମ ଆୟୁକ୍ତଙ୍କ ପରାମର୍ଶଦାତା ଘାସିରାମ ପଣ୍ଡା, ଭିନ୍ନକ୍ଷମ ଓ ଅଭିଭାବକ ସଂଘ ସଭାପତି ତଥା ରେଆରର ବୋର୍ଡ ସଦସ୍ୟ ସୌଦାଗର ପାତ୍ର ଓ ସୌଦାମିନି ଜେନା ଉପସ୍ଥିତ ଥିଲେ। ଉପସଭାନେତ୍ରୀ ପଦ୍ମିନି ବକ୍ସି ସଭାରେ ଅଧ୍ୟକ୍ଷତା କରିଥିଲେ। ଅନଙ୍ଗ ନେଗୀ ସ୍ୱାଗତ ଭାଷଣ ପ୍ରଦାନ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଞ୍ଜଳି ନେଗୀ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ଭୌତିକ ଚିକିତ୍ସକ ଡାକ୍ତର ବାଳକୃଷ୍ଣ କୁମ୍ଭାର, ଭୁବନଲାଲ ସତକାମି, ବ୍ୟବସାୟିକ ଚିକିତ୍ସିକା ଡାକ୍ତର ମିତାଲି ଶୁଭଦର୍ଶନୀ ସାହୁ, ଜ୍ୟୋତି ପ୍ରକାଶ ମିଶ୍ର ଓ ରଶ୍ମିତା ବାରିକ ସହଯୋଗ କରିଥିଲେ । ରାଷ୍ଟ୍ରୀୟ ନ୍ୟାସ ନୂଆଦିଲ୍ଲୀ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡିଶା ସରକାରଙ୍କ ସହଯୋଗରେ ରେଆର ପରିଚାଳିତ ସୋନପୁର ଡେ କେଆର ଥେରାପି କେନ୍ଦ୍ର ଏବଂ ଦିଶା ତଥା ବିକାଶ କେନ୍ଦ୍ରରେ ଅପହଞ୍ଚ ଅଞ୍ଚଳରେ ରହୁଥିବା ମାନସିକ ଏବଂ ବୌଦ୍ଧିକ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଅନଲାଇନ ମାଧ୍ୟମରେ ଭୌତିକ ଚିକିତ୍ସା, ବ୍ୟବସାୟିକ ଚିକିତ୍ସା, ବାକ୍‌ଶିକ୍ଷା ଏବଂ ସ୍ୱତନ୍ତ୍ର ଶିକ୍ଷା ପ୍ରଦାନ କରାଯିବ।



ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ସୁଲୋଚନା ଦାଶ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ଚାଷୀ ସଂଗଠିତ ହେବାକୁ ଆହ୍ୱାନ

**ଖପ୍ରାଖୋଲ,୧୦।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହସିଂହା ପଞ୍ଚାୟତ ଜୁରିଆ ସୁଆର କୃଷି ଫାର୍ମ ପରିସରରେ ହରିଶଙ୍କର ଫାର୍ମର ପ୍ରଡ୍ୟୁସ କମ୍ପାନୀର ବାର୍ଷିକ ଅଧିବେଶନ ବୁଧବାର ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଅଭୟ ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ନାବାଡ଼ ବଲାଙ୍ଗୀର ଏଜିଏମ ଲକ୍ଷ୍ମଣ ସାଏ, ସମ୍ମାନୀତ ଅତିଥି ଦେବଦତ୍ତ କ୍ଲବ ସମ୍ପାଦକ କାହ୍ନୁଚରଣ ମାଝୀ, ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ପଟୁଆରୀ ନାଏକ ପ୍ରମୁଖ ଯୋଗଦେଇଥିଲେ। କୃଷି ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ପାଇବା ପାଇଁ ଚାଷୀମାନେ ସଂଘଠିତ ହେବାକୁ ଆହ୍ୱାନ ଦିଆଯାଇଥିଲା। ବୈଠକରେ ନିର୍ଦ୍ଦେଶକ କନ୍ଦର୍ପ ସୁଆର, ଉମାକାନ୍ତ ପଧାନ, ଜୟନ୍ତପାଲ ମେହେର, ରାଜ କିଶୋର ମେହେର, ରାଜକୁମାର ବାରିହା, କୁନୁ ବାରିହାଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

### ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ

**ତୁଣ୍ଡଲା,୧୦।୧୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର କସ୍ତପଡା, ନୂନମାଠ, ତୁର୍ଲାଖମନ, ତୁଣ୍ଡଲା, ବେଲଖଣ୍ଡି, ସିଁଜାପାଲି, ହାତୀଖୋଜ ପଞ୍ଚାୟତରେ ବୁଧବାର ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଛି। କେସିଙ୍ଗା ବିଡିଓ ପ୍ରଫୁଲ୍ଲ କୁମାର ଅଦ୍ଦୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଠା ଜଳସେଚନ ବିଭାଗ ଅଧକ୍ଷ ଅମରେଶ ପତ୍ରିଙ୍କ ଉପସ୍ଥିତିରେ କାର୍ଡ ବଣ୍ଟନ କରାଯାଇଛି। ଏଥିରେ ସବୁ ପଞ୍ଚାୟତ ରେ ପିଇଓ, ସରପଞ୍ଚ, ୱାର୍ଡମେମ୍ବର, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ଓ ଶିକ୍ଷକଶିକ୍ଷୟିତ୍ରୀମାନେ ଯୋଗଦେଇ କୋଭିଡ୍ ନିୟମ ଅନୁସାରେ କାର୍ଡ ବଣ୍ଟନ କରିଥିଲେ।

### ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ କାର୍ଯ୍ୟକ୍ରମ

**କର୍ଲାମୁଣ୍ଡା,୧୦।୧୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଗ୍ନିଶମ ବିଭାଗ ପକ୍ଷରୁ ରେଗଡାସ୍ଥିତ ଆଦର୍ଶ ବିଦ୍ୟାଳୟଠାରେ ବୁଧବାର ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରମାନଙ୍କୁ ଜରୁରୀକାଳୀନ ମୁକାବିଲା ଓ ଅଗ୍ନି ନିର୍ବାପକ କିପରି ସହଜରେ କରାଯାଇ ପାରିବ ସେ ଉପରେ ବିଭିନ୍ନ କୌଶଳ ସବୁ ଶିଖାଇଥିଲେ। ଏଥିରେ ଅଗ୍ନିଶମ ବିଭାଗ ଅଫିସର ଇନ୍‌ଚାର୍ଜ ଜଗଦୀଶ ମେହେର, ହାବିଲଦାର ପ୍ରଣବ କୁମାର ନାଏକ, ରାଜେଶ ପ୍ରଧାନ ଶଙ୍କର ଭୋଇ, ମଣିଲାଲ ବନଛୋର, ପଞ୍ଚାନନ ବାଗ, ପ୍ରଶାନ୍ତ ପଧାନ ପ୍ରମୁଖ ଯୋଗଦେଇ ଥିବା ବେଳେ ଆଦର୍ଶ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

### ୨ ପଞ୍ଚାୟତରେ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ

**ବୋଡେନ,୧୦।୧୧(ଡି.ଏନ.ଏ.):** ନୂଆପଡା ଜିଲା ବୋଡେନ ବ୍ଲକରି ସୁନାପୁର ଓ ପଲସଦା ୨ଟି ପଞ୍ଚାୟତରେ ବୁଧବାର ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମିର ରଞ୍ଜନ ଦାସଙ୍କ ଦ୍ୱାରା ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଛି। ଏହି କାର୍ଡ ମାଧ୍ୟମରେ ମହିଳାମାନଙ୍କ ପାଇଁ ୧୦ ଲକ୍ଷ ଓ ପୁରୁଷମାନଙ୍କ ପାଇଁ ୫ ଲକ୍ଷର ମାଗଣାରେ ଚିକିତ୍ସା ସୁବିଧା ମିଳିବ ବୋଲି ମନ୍ତ୍ରୀ କହିଥିଲେ। ବୋଡେନ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇଙ୍କ ତତ୍ତ୍ୱାବଧାନରେ ବ୍ଲକ ଅଧକ୍ଷା ପ୍ରେମଶିଳା ନାଗ, ଜିଲା ପରିଷଦ ସଭ୍ୟ ଲମ୍ବୋଦର ନିଆଲ ଓ ସରପଞ୍ଚ ଜାନକି ଦଳ ପ୍ରମୁଖ ଉପସ୍ଥିତ ଥିଲେ। ବୁଡାପରାଠାରେ ପଲସଦା ସରପଞ୍ଚ କୃଷ୍ଣଚନ୍ଦ୍ର ବେହେରାଙ୍କ ପରିଚାଳନାରେ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବୋଡେନ ବ୍ଲକ କର୍ମଚାରୀ ତଥା ଶିକ୍ଷକମାନେ ସହଯୋଗ କରିଥିଲେ।

## ଭତ୍ତା ବୃଦ୍ଧି ଦାବିକଲେ କଳାକାର


ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ପ୍ରତିନିଧି ଦଳ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

ବରଗଡ଼ ଅଫିସ୍,୧୦।୧୧

ବରଗଡ଼ ଜିଲାକୁ ଆସନ୍ତା ୧୩ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ପୂର୍ବରୁ ବୁଧବାର ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ଅଧ୍ୟକ୍ଷ ଚୈତନ୍ୟ ପାଇକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କଳାକାରଙ୍କ ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କଳାକାରଙ୍କ ମାସିକ ଭତ୍ତା ୧୨୦୦ରୁ ୩ହଜାର ଟଙ୍କା ବୃଦ୍ଧି, ରାଜ୍ୟର ଆହୁ ଦେଢ଼ଲକ୍ଷ କଳାକାରଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ସାମିଲ କରିବାକୁ ଦାବି ହୋଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କଳାକାର ମହାସଂଘର ଉପସଭାପତି ଭୁବନେଶ୍ୱର ପ୍ରଧାନ, ପଶ୍ଚିମ ଓନିଶା ଧନୁଯାତ୍ରା କଳାକାର ମହାସଂଘର ସଭାପତି ଦୟାନିଧି ପ୍ରଧାନ, ସମ୍ପାଦକ ଜଗଦାନନ୍ଦ ମିଶ୍ର, ମିଳିତ କଳାକାର ମଞ୍ଚର ଅଧ୍ୟକ୍ଷ ଶଙ୍କର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମରୁଡ଼ି ସହନଶୀଳ ଧାନଚାଷକୁ ଗୁରୁତ୍ୱ

ଲୋଇସିଂହା,୧୦।୧୧(ଡି.ଏନ.ଏ)

ଅନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ର ଏବଂ କୃଷକ ସଶକ୍ତିକରଣ ବିଭାଗ ମିଳିତ ଆନୁକୂଲ୍ୟରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପଣ୍ଡରାଣୀଠାରେ କୃଷି ସଚେତନତା ଓ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବନ୍ୟା, ମରୁଡି ଓ ରୋଗପୋକ ସହନଶୀଳ ଏବଂ ପ୍ରୋଟିନ ଓ ଜିଙ୍କ ରହିଥିବା ଧାନଚାଷ କରିବା ଉପରେ ଚାଷୀଙ୍କୁ ପରାମର୍ଶ ଦିଆଯାଇଥିଲା। ସଭାରେ ଆଇଆରଆରଆଇର ଅଧିକାରୀ ଦିଲୀପ ରାଉତ ଅଧ୍ୟକ୍ଷତା କରି କୃଷି ଓ କୃଷକର ଉନ୍ନତି ପାଇଁ ୧୯ ପ୍ରକାର ନୂତନ କିଷମ ଧାନ ପରୀକ୍ଷାମୂଳକ ଭାବେ ଚାଷ କରିଥିବା ସୂଚନା ଦେଇଥିଲେ। ବଲାଙ୍ଗୀର ଜିଲାରେ ଶିଶୁଙ୍କଠାରେ କୁପୋଷଣ ଦେଖାଦେଇଛି। ଏଣୁ ଚାଷୀ ଅଧିକ ଅମଳକ୍ଷମ ଧାନ ପଛରେ ନପଡି ଉତ୍କୃଷ୍ଟ କିଷମର ଧାନଚାଷ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ ଉମାଶଙ୍କର ମିଶ୍ର ଯୋଗଦେଇ କହିଥିଲେ ଯେ, ଚାଷ ଜମି କମିଛି, ହେଲ ଧାନ ଅମଳ ବୃଦ୍ଧି ପାଇଛି । ବଳକା ଧାନ ଚାଷୀ ବିକ୍ରି କରି ପାରୁନାହାନ୍ତି। କେଉଁ ପ୍ରାଣାଳୀରେ ଚାଷ କଲେ ଆଦାୟ ବୃଦ୍ଧି ପାଇବ ସେ ସମ୍ପର୍କରେ ଚାଷୀଙ୍କୁ ବୁଝାଇଥିଲେ। ବର୍ତ୍ତମାନ ଧାନଚାଷ ଆଉ ଚାଷୀଙ୍କୁ ଲାଭଦାୟକ ହେଉନାହିଁ । ତେଣୁ ରାଜ୍ୟ ସରକାର ଚାଷୀଙ୍କୁ ସମନ୍ୱିତ ପ୍ରଣାଳୀରେ ଚାଷ ପାଇଁ ପ୍ରୋତ୍ସାହନ ଯୋଗାଇବାକୁ ଯୋଜନା ପ୍ରସ୍ତୁତ କରୁଥିବା ସେ ସୂଚନା ଦେଇଥିଲେ । ୨ଏକର କ୍ଷେତ୍ର ବିଶିଷ୍ଟ ଚାଷ ଜମିରେ ଫାର୍ମପଣ୍ଡ ସମେତ ଧାନ, ପରିବା, ମାଛ ଏପରିକି ଘାସ ଚାଷ ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରାଯିବ ବୋଲି କୃଷିଅଧିକାରୀ ମିଶ୍ର କହିଥିଲେ ।



କୃଷକ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**କୃଷକ ସଚେତନତା କାର୍ଯ୍ୟକ୍ରମ**

## ବଣ୍ଡିଆ ଜଙ୍ଗଲରୁ ବୃଦ୍ଧଙ୍କ ମୃତଦେହ ଜବତ

ନୂଆପଡା ଅଫିସ/ଖଡିଆଳ, ୧୦।୧୧(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ଥାନା ବାଦି ପଞ୍ଚାୟତ ପଦ୍ମପୁର ନିକଟସ୍ଥ ବନ୍ଧିଆ ଜଙ୍ଗଲରୁ ବୁଧବାର ଖଡିଆଳ ପୋଲିସ ଏକ ମୃତଦେହ ଜବତ କରିଛି। ସୂଚନା ଯେ, ଖଡିଆଳ ଥାନା ପଦ୍ମପୁର ଗ୍ରାମର ଜଗନ୍ନାଥ ପଟେଲ (୬୫) ମଙ୍ଗଳବାର ସକାଳୁ ନିଜ ଚାଷ ଜମିକୁ ଯାଇ ଘରକୁ ଫେରି ନ ଥିଲେ। ଘରକୁ ଆସିବା ବିଳମ୍ବ ହେବାରୁ ପରିବାର ଲୋକେ ବହୁତ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ଖବର ନ ମିଳିବାରୁ ଖଡିଆଳ ଥାନାରେ ଏକ ଅଭିଯୋଗ କରିଥିଲେ। ବୁଧବାର ସକାଳୁ ପୁଣି ଗ୍ରାମବାସୀ ଓ ପରିବାର ଲୋକେ ଖୋଜାଖୋଜି କରିବାରୁ ଗ୍ରାମ ନିକଟ ବନ୍ଧିଆ ଡଙ୍ଗରରୁ ଜଗନ୍ନାଥଙ୍କ ମୃତଦେହ ଠାବ କରି ଖଡିଆଳ ପୋଲିସକୁ ଜଣାଇଥିଲେ। ଘଟଣାସ୍ଥଳରେ ଖଡିଆଳ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୪୨୯/୨୧) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## ଗିରିଗୋବର୍ଦ୍ଧନ ମହୋତ୍ସବ ଉଦ୍‌ଯାପିତ

ଲୋଇସିଂହା,୧୦।୧୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଗଲାପାଲି ନିକଟ ଖେକେର୍ଲି ଡୁଙ୍ଗରୀରେ ଚାଲିଥିବା ୪ର୍ଥ ଗିରିଗୋବର୍ଦ୍ଧନ ମହୋତ୍ସବ ମଙ୍ଗଳବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ଗତ ୫ ତାରିଖଠାରୁ ମହୋତ୍ସବ ଆରମ୍ଭ ହୋଇଥିଲା। ମହୋତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ କଂସ ଦରବାର ଅନୁଷ୍ଠିତ ହୋଇଥିଲା। କୃତୀ ଏବଂ ଅଂଶଗ୍ରହଣ କରିଥିବା କଳାକାରଙ୍କୁ ମହୋତ୍ସବ କମିଟି ପକ୍ଷରୁ ସମ୍ମାନୀତ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ସ୍ଥାନୀୟ ବିଧାୟକ ମୁକେଶ ମହାଲିଙ୍ଗ ଭିଡିଓ କଲ ଜରିଆରେ ଦର୍ଶକଙ୍କୁ ତାଙ୍କ ବାର୍ତ୍ତା ପ୍ରଦାନ କରିଥିଲେ। ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଯୁବନେତା ଆକାଶ ମିଶ୍ର, ବୁଢ଼ୀପଦର ସମିତି ସଭ୍ୟ ପ୍ରଶାନ୍ତ ତ୍ରିପାଠୀ ଅତିଥି ଭାବେ ଯୋଗଦେଇଥିଲେ।

## ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ

ବୋଡେନ,୧୦।୧୧(ଡି.ଏନ.ଏ.)

ନୂଆପଡା ଜିଲା ବୋଡେନ ବ୍ଲକର ସ୍ଥାନୀୟ ସାପ୍ତାହିକ ବଜାର ପ୍ରାଙ୍ଗଣଠାରେ ବୁଧବାର ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଜିଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡ. ବସନ୍ତ କୁମାର ଧଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଯୁକ୍ତ ୩ ଡିଗ୍ରୀ କଲେଜ ଅଧ୍ୟାପକ ଡ. କିଶୋର କୁମାର କର୍ଣ୍ଣ, ଗୋ ସେବା ପ୍ରମୁଖ କାଳିଆକୃଷ୍ଣ ବାଗ, ସମିତି ସଭ୍ୟ ସୌଦାଗର ସାହୁ, ଯୁକ୍ତ ୨ କଲେଜ ଅବସରପ୍ରାପ୍ତ ଅଧ୍ୟାପକ ଅଶ୍ୱନୀ କୁମାର ପଣ୍ଡା, ଡ. ସୁକୁରାମ ମୁଣ୍ଡା ଏସଡିଭିଓ, ଚିତ୍ତରଞ୍ଜନ ପୃସେଠ ଏଡିଭିଓ, ବୋଡେନ ବିଡିଓ ଶୋଭାସିଷ ମିଶ୍ର ପ୍ରମୁଖ ମଞ୍ଚସୀନ ଥିଲେ। ଅତିଥିମାନେ ଗୋ ସେବାର ମହାନ ନୀତି ସମ୍ପର୍କରେ ବୁଝାଇଥିଲେ। ଗୋ ସମ୍ବର୍ଦ୍ଧନା ଉତ୍ସବରେ ୨୫ଟି ଗାଈ ଓ ୨୦ଟି ବାଛୁରି ପ୍ରଦର୍ଶିତ କରାଯାଇଥିଲା। ଲର୍କା ଏଲଆଇ କଳ୍ପନା ମଙ୍ଗରାଜ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ନୂଆପଡା, ଖଡିଆଳ, କୋମନା, ସିନାପାଲି, ବୋଡେନ ବ୍ଲକର ସମସ୍ତ ଏଲଆଇମାନେ ସହଯୋଗ କରିଥିଲେ। ବୋଡେନ ବିଡିଓ ଶୋଭାସିଷ ମିଶ୍ର ଧନ୍ୟବାଦ ଦେଇଥିଲେ।

## ବିଦ୍ୟାଳୟକୁ ଜମିଦାନ କଲେ ଦୁଇଭାଇ

ପାଇକମାଲ,୧୦।୧୧(ଡି.ଏନ.ଏ.)

ବରଗଡ ଜିଲା ପାଇକମାଲ ବ୍ଲକ କୁଆପାଲି ଗ୍ରାମର ଦୁଇଭାଇ କେଶବ ବରିହା ଓ ଗଣେଶ ବରିହା। ଗ୍ରାମର ପ୍ରାଥମିକ ବିଦ୍ୟାଳୟର ଖେଳ ପଡିଆ ନ ଥିବାରୁ ପିଲାମାନେ ଖେଳାବୁଲା କରି ପାରୁ ନ ଥିବା ଜାଣି ନିଜର ୪୪ଡିସମିଲ ଜମିକୁ ଦାନ କରିଛନ୍ତି। ବୁଧବାର ଗ୍ରାମରେ ଆୟୋଜିତ ଏକ ସଭାରେ ପାଇକମାଲ ତହସିଲଦାର ମନୋଜ କୁମାର ମେହେରଙ୍କ ଉପସ୍ଥିତରେ ଏହି ମହତ କାର୍ଯ୍ୟ ସମ୍ପାଦିତ ହୋଇଛି। ତହସିଲଦାର ଗ୍ରାମବାସୀ ଓ ଉପସ୍ଥିତ ଅତିଥି ମାନଙ୍କ ଗହଣରେ ଖେଳ ପଡିଆକୁ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ଫିତା କାଟି ପଡିଆକୁ ପିଲାଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍କୁଲର ପ୍ରଧାନଶିକ୍ଷକ ଗୋବିନ୍ଦ ରାମ ଅଜଗର ପରିଚାଳନା କରିଥିଲେ। ଅମୃତ ରଣା, ବୃନ୍ଦାବନ ବାରିହା, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରେମାନନ୍ଦ ବାରିକ, ସିଆରସିସି ସୁନାଧର ଉନସନା ଏହି ଅବସରରେ ଉପସ୍ଥିତ ଥିଲେ।


ଖେଳପଡ଼ିଆ ପାଇଁ ପ୍ରଦତ୍ତ ଜମିରେ ପୂଜାର୍ଚ୍ଚନା ପରେ ଫିତା କଟାଯାଉଛି।

## ନାଗରିକ କମିଟିର ଧାରଣା


ନାଗରିକ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

ବୌଦ୍ଧ,୧୦।୧୧(ସ୍ୱ.ପ୍ର.)

ଆଗକୁ ପୌର ନିର୍ବାଚନ ନେଇ ରାଜ୍ୟ ସରକାର ୱାର୍ଡ ଓ କର୍ପୋରେଟଗୁଡିକର ସୀମା ନିର୍ଦ୍ଧାରଣ ନେଇ ବିଜ୍ଞପ୍ତି ଜାରି କରିଛନ୍ତି। କିନ୍ତୁ ବୌଦ୍ଧକୁ ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନରେ ସାମିଲ ଓ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ପୌରପରିଷଦ ମାନ୍ୟତା ଦେବା ଦାବି ପ୍ରତି ସରକାରଙ୍କ ଅଣଦେଖା ନେଇ ବିଭିନ୍ନ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ବୌଦ୍ଧକୁ ପୌରପରିଷଦ ଘୋଷଣା ପାଇଁ ଦୀର୍ଘ ଦିନରୁ ସଂଗ୍ରାମ ଜାରି ରଖିଥିବା ବୌଦ୍ଧ ନାଗରିକ କମିଟି ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ନାଗରିକ କମିଟିର ସଂପାଦକ ବିଶେଶ୍ୱର ପୃଷ୍ଟିଙ୍କ ନେତୃତ୍ୱରେ କମିଟିର ସଦସ୍ୟ ଓ ଜନସାଧାରଣ, ମୋଟର ଚାଳକ ସଂଘ, ରିକ୍ସା ଚାଳକ ସଂଘ, ଦୁଇଚକିଆ ମେକାନିକ ସଂଘ, ପୁରୁଣାକଟକ, କଣ୍ଟମାଳ ଓ ବାଉଁଶୁଣୀ ଅଞ୍ଚଳର ପ୍ରତିନିଧି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଦୁଇ ଘଣ୍ଟା ଧରି ଧାରଣାରେ ବସିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଥିଲା । ଧାରଣାରେ ନବ କୁମାର ମିଶ୍ର, ଚିତ୍ତରଞ୍ଜନ ଦାସ, ଉମ୍ବରୁଧର ଭୋଇ, ଦୁର୍ଯ୍ୟୋଧନ ବିଶି, ଯୁଗଳ କିଶୋର ସାମଲ, ଶୁଭେନ୍ଦୁ ପଟ୍ଟନାୟକ, ରାୟ ସଞ୍ଜୀବ କୁମାର ଦେଓ, ସରୋଜ ପ୍ରଧାନ, ସମରେଶ ମିଶ୍ର ପ୍ରମୁଖ ସାମିଲ ଥିଲେ।

## ବ୍ଲକସ୍ତରୀୟ ଯୁବ ଗଣ୍ଡା ସମାଜ ଗଠିତ

**ଅମରପାଲି,୧୧।୧୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକସ୍ତରୀୟ ଯୁବ ଗଣ୍ଡା ସମାଜ ଗଠିତ ହୋଇଯାଇଛି। ଠେଙ୍ଗୋ ଡ୍ୟାମ ବଙ୍ଗଳାରେ ଅନୁଷ୍ଠିତ ବୈଠକରେ ବ୍ଲକର ଶତାଧିକ ସମାଜର ଯୁବକମାନେ ଯୋଗଦେଇ ଥିଲେ। ସର୍ବସମ୍ମତି କ୍ରମେ ଶୈଳରଞ୍ଜନ ବାଦୀ ସଭାପତି, ରାଧାରମଣ ଦୀପ ଉପସଭାପତି, ଦିଲୀପ ଜଗଦଲା ସମ୍ପାଦକ ଓ ଚିତ୍ତରଞ୍ଜନ ଜଗଦଲାଙ୍କୁ କୋଷାଧ୍ୟକ୍ଷଭାବେ ମନୋନୀତ କରାଯାଇଛି। ଏହାସହିତ ଖତୁ ନାଏକ, କିଶୋର ଭୋଇ, ଘନଶ୍ୟାମ ଭୋଇ, ସୁବାଶ ବର୍ଗର୍ତି ଓ ପ୍ରଦୀପ ଜଗଦଲାଙ୍କୁ ସମାଜର ଉପଦେଷ୍ଟାଭାବେ ଚୟନ କରାଯାଇଛି। ଆଗାମୀ ଦିନରେ ସମାଜ ପାଇଁ କାର୍ଯ୍ୟକରିବା ସହିତ ଅସହାୟ ପରିବାରଙ୍କୁ ଆର୍ଥିକ ସହାୟତା କରିବା ଏବଂ ଗରିବ ଛାତ୍ରୀଛାତ୍ରଙ୍କୁ ପଢିବା ପାଇଁ ସହାୟତା ପ୍ରଦାନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

## କେନାଲ ପାଣି ଯୋଗାଇବା ଦାବି: ୬ ଘଣ୍ଟା ଚାଷୀଙ୍କ ରାସ୍ତାରୋକୋ


ଗୁନଗୁନିଆଠାରେ ଚାଷୀମାନେ ରାସ୍ତାରୋକୋ କରିଛନ୍ତି।

ଭବାନୀପାଟଣା,୧୦।୧୧(ସ୍ୱ.ପ୍ର.)

ବର୍ଷା ଅଭାବରୁ ଚଳିତବର୍ଷ ଇନ୍ଦ୍ରାବତୀ ଜଳଭଣ୍ଡାର ଜଳଧାରଣା କ୍ଷମତା ହ୍ରାସ ପାଇଛି। ଫଳରେ ଆସନ୍ତା ରବି (ଡାଲୁଆ) ଚାଷ ସମୟରେ ଇନ୍ଦ୍ରାବତୀ ବାମ କେନାଲ ମଙ୍ଗଳପୁର ବ୍ୟାରେଜଠାରୁ ମାତ୍ର ୭ କି.ମି. ପର୍ଯ୍ୟନ୍ତ ପାଣି ଦିଆଯିବ ବୋଲି ବିଭାଗୀୟ ଅଧିକାରୀ ଆଗତୁରା ସୂଚନା ଦେଇଥିଲେ। ଯାହାକୁ ବିରୋଧ କରି ଜୟପାଟଣା ବ୍ଲକ ଗୁନଗୁନିଆ ଡ୍ରିଷ୍ଟିବ୍ୟୁଟାରୀ ଅଞ୍ଚଳର ଚାଷୀମାନେ ମଙ୍ଗଳପୁର ବ୍ୟାରେଜରୁ ୨୫ କି.ମି. ପର୍ଯ୍ୟନ୍ତ ଜଳସେଚନ ଯୋଗାଇବା ପାଇଁ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଯଦି ଏହାର ସମାଧାନ କରା ନ ଗଲେ ରାସ୍ତାରୋକୋ କରିବା ପାଇଁ ସ୍ଥାନୀୟ ଚାଷୀମାନେ ଚେତାବନୀ ଦେଇଥିଲେ। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ନ ଥିବାରୁ ବୁଧବାର ସକାଳ ୭ଟାରୁ ଜୟପାଟଣା ବ୍ଲକ ଗୁନଗୁନିଆଠାରେ ସ୍ଥାନୀୟ ଚାଷୀମାନେ ରାସ୍ତାରୋକୋ କରିଥିଲେ। ଖବର ପାଇ ଦିନ ୧ଟାରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କଳାକାର ବାଗ ଓ ଜୟପାଟଣା ଅତିରିକ୍ତ ତହସିଲଦାର ଟୁକୁନୁ ପୁଟା ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ଗୁନଗୁନିଆ ଡ୍ରିଷ୍ଟିବ୍ୟୁଟାରୀ ପର୍ଯ୍ୟନ୍ତ ଜଳ ଯୋଗାଣ କରାଯିବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ୬ ଘଣ୍ଟା ଧରି ରାସ୍ତାରୋକୋ ଯୋଗୁ ଜୟପାଟଣା-ମୋଟେର ମଧ୍ୟରେ ଯାତାୟାତ ଠପ୍ ହୋଇଥିଲା। ଫଳରେ ଶତାଧିକ ଯାନବାହାନ ଚଳାଚଳ କରିନପାରି ରାସ୍ତାରେ କଡରେ ଅଟକି ରହିଥିଲା। ରାସ୍ତାରୋକୋରେ ସ୍ଥାନୀୟ ଚାଷୀ କୁଞ୍ଜ ବିହାରୀ ମୁଣ୍ଡ, ସୁଦିପ୍ତ ପଣ୍ଡା, ସୁବ୍ରତ କୁମାର ବେହେରା, ଶେଷଦେବ ପଣ୍ଡା, ମହାଦେବ ବେହେରା, ସନ୍ତୋଷ ରଣା, ଭୁବନେଶ୍ୱର ମାଝି, ହରିହର ନାଏକ, ଆକାଶ ନାଗ ପ୍ରମୁଖ ଚାଷୀ ନେତୃତ୍ୱ ନେଇଥିଲେ।

No. B-584
**Government of Odisha**
**"e" Procurement Notice**
**Bid Identification No. PWDK-12/2021-22**
e-mail: eepwdkeonjhar@yahoo.com

No. G2/7381 Dt.06.11.2021

| | | |
|---|---|---|
| 1. | No. of the Work | : 07 Nos. Building Works |
| 2. | Estimated Cost | : From Rs.41.41 to Rs.42.97 lakhs |
| 3. | Period of Completion | : 6 (Six) Calendar Months |
| 4. | Date and time of availability of Bid document in the portal | : From 10.00 hr. 15.11.2021 to 17.00 hr. of 24.11.2021 |
| 5. | Last date/time for receipt of bids in the portal | : 17.00 hr. of 24.11.2021 |
| 6. | Date of Opening of Bid from Portal | : 11.30 hrs. of 25.11.2021 |
| 7. | Name and address of the Officer Inviting Bid | : Superintending Engineer, Keonjhar (R&B) Division, Keonjhar |

Further details can be seen from the e-procurement portal **"http://tendersodisha.gov.in"**.

**Sd./- S.K. Behera**
**Superintending Engineer**
**Keonjhar (R&B) Division**
OIPR-34004/11/0007/2122